## ଦରମା ନ ପାଇ ଶିକ୍ଷକ ହନ୍ତସନ୍ତ

**ବେତନଟୀ, ୧୪।୨(ସମିସ):** ବେତନଟୀ ବ୍ଲକର ଏକ୍ସ କ୍ୟାଡର ଶିକ୍ଷକମାନେ ଗତ ୨ ମାସ ହେଲା ଦରମା ନ ପାଇ ଆର୍ଥିକ ଅନଟନରେ ଦିନ କାଟୁଛନ୍ତି। ହାଟ ବଜାରକୁ ବାହାରିବାକୁ ସାହସ କରୁନାହାନ୍ତି। ବାଟେଘାଟେ କାଳେ କିଏ ବାକି ଟଙ୍କା ମାଗିଦେବାର ଅଜଣା ଭୟ ସେମାନଙ୍କୁ ଆତଙ୍କିତ କରୁଛି। ନିଜ ପିଲାଙ୍କ ହୋଷ୍ଟେଲ ଓ ଟ୍ୟୁସନ ଟଙ୍କା ପୈଠ କରିନପାରି ମାନସିକ ଦୁଶ୍ଚିନ୍ତାରେ ରହୁଛନ୍ତି। କୌଣସି ସାମାଜିକ କିମ୍ବା ପାରିବାରିକ ଉତ୍ସବରେ ସାମିଲ ହେବା ତାଙ୍କ ପାଇଁ କଷ୍ଟକର ହୋଇପଡୁଛି। ଏ ନେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟ ଅସନ୍ତୋଷ ତେଜିବାରେ ଲାଗିଛି। ଶୀଘ୍ର ଦରମା ଟଙ୍କା ପ୍ରଦାନ କରାନଗଲେ ଏକ୍ସ କ୍ୟାଡର ଶିକ୍ଷକ ଶିକ୍ଷୟିତ୍ରୀ ମିଳିତ ଭାବେ ବିଇଓ କାର୍ଯ୍ୟାଳୟ ଘେରଉ କରିବେ ବୋଲି କହିଛନ୍ତି।

## ସଂକୀର୍ତ୍ତନ ମହୋତ୍ସବ ଉଦଯାପିତ

**ବେତନଟୀ, ୧୪।୨(ସମିସ):** ବେତନଟୀ ଉପକଣ୍ଠ ପଣ୍ଡୁଗଡ଼ିଆ ଠାରେ ଚତୁର୍ବିଂଶତମ ବାର୍ଷିକ ସଂକୀର୍ତ୍ତନ ମହୋତ୍ସବ-୨୦୨୫ ଗୁରୁବାର ଉଦଯାପିତ ହୋଇଯାଇଛି। ଆୟୋଜକ ପଣ୍ଡୁଗଡ଼ିଆ ସଂ।ସ୍କୃତିକ ସଂଘ ଆନୁକୂଲ୍ୟରେ ଆୟୋଜିତ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞରେ ମୟୂରଭଞ୍ଜ ଏବଂ ବାଲେଶ୍ୱର ସମେତ ପଡୋଶୀ ଝାଡଖଣ୍ଡରୁ ସୁନାମଧନ୍ୟ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଅଂଶଗ୍ରହଣ କରିଥିଲେ। ୧୦ତାରିଖରେ ଅଧିବାସ ଠାରୁ ଆରମ୍ଭ ହୋଇଥିବା ସଂକୀର୍ତ୍ତନ ମହୋତ୍ସବର ଦ୍ୱିତୀୟ ଦିନରେ ଘଟତ୍ତୋଳନ, ୩ୟଦିନରେ ନାମ ଆରମ୍ଭ ଏବଂ ୪ର୍ଥ ଦିନରେ ନାମ ସମାପନ ଏବଂ ନଗର ପରିକ୍ରମା ସାଙ୍ଗକୁ ଦଧିଭଞ୍ଜ ପୂର୍ବକ ଚତୁର୍ବିଂଶତମ ବାର୍ଷିକ ସଂକୀର୍ତ୍ତନ ମହୋତ୍ସବ ଆନୁଷ୍ଠାନିକ ଭାବରେ ଉଦଯାପିତ ହୋଇଯାଇଛି। ଏହି ଅବସରରେ ବେତନଟୀ, ବଡସାହି ସମେତ ବିଭିନ୍ନ ସ୍ଥାନରୁ ହଜାର ହଜାର ଶ୍ରଦ୍ଧାଳୁଙ୍କର ସମାଗମ ଦେଖିବାକୁ ମିଳିଥିଲା। ସଂକୀର୍ତ୍ତନ ମହୋତ୍ସବ ସାଙ୍ଗକୁ ସାମୁହିକ ପ୍ରସାଦସେବନ କାର୍ଯ୍ୟକ୍ରମରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଆୟୋଜକ ପଣ୍ଡୁଗଡ଼ିଆ ସଂ।ସ୍କୃତିକ ସଂଘ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

## ବିଦ୍ ଦିରି ପତାକା ଉତ୍ତୋଳନ ଦିବସ

**ଶୁଳିଆପଦା, ୧୪।୨(ସମିସ):** ଶୁଳିଆପଦା ବ୍ଲକ ଅନ୍ତର୍ଗତ ଜୁଲୁକ ଗ୍ରାମରେ ରାଣି ଶିରୋମଣି ଯୁବକ ସଂଘ ଆନୁକୂଲ୍ୟରେ ୧୪ତମ ବିଦ୍ ଦିରି ପତାକା ଉତ୍ତୋଳନ ଦିବସ ପାଳନ କରାଯାଇଛି। ଏଥିରେ ଭାରତୀୟ ଆଦିବାସୀ ଭୂମିଜ ସମାଜର ଜିଲ୍ଲା ସଭାପତି ରାଜକୁମାର ସିଂ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଭୂମିଜ ସମାଜର ଗର୍ବ ଓ ଗୌରବର ପ୍ରତୀକ ବିଦ୍ ଦିରି ପତାକା ଉତ୍ତୋଳନ କରିଥିଲେ। ଭାରତୀୟ ଆଦିବାସୀ ଭୂମିଜ ସମାଜ କେନ୍ଦ୍ରୀୟ କମିଟିର ସହ ସମ୍ପାଦିକା ଗିତାମଣି ସିଂ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପତାକା ବିଶେଷତ୍ୱ ଓ ଜାତୀୟ ଶିକ୍ଷା ନୀତି ୨୦୨୦ ଓ ଭୂମିଜ ପିଲାଙ୍କ ପ୍ରଥମିକ ଶିକ୍ଷାଦାନରେ ମାତୃଭାଷା ଭୂମିଜକୁ ସାମିଲ୍ କରିବାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସଞ୍ଜନା ସିଂ, ରାଜେଶ ସିଂ, ନନ୍ଦିନୀ ସିଂ, ମାମା ସିଂ ଭୂମିଜ ସଙ୍ଗୀତ ଓ ନୃତ୍ୟ ସମସ୍ତ ଦର୍ଶକଙ୍କୁ ବିମୋହିତ କରିଥିଲା। ରାଣୀ ଶିରୋମଣି ଯୁବକ ସଂଘର ସଭାପତି ଅଭିମନ୍ୟୁ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ହୋ’ ସମ୍ପ୍ରଦାୟର ମାଗେ ପର୍ବ ଉଦଘାଟିତ



**ଶରତ, ୧୪।୨(ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣୀପୋଖରୀ ଗ୍ରାମ ପଞ୍ଚାୟତ ସର୍ଦୁସାହି ଗ୍ରାମରେ ହୋ’ ସମ୍ପ୍ରଦାୟ (ଜନଜାତି)ଙ୍କ ତ୍ରିଦିବସୀୟ ଦିଶୁମ ମାଗେ ପର୍ବ ଉଦଘାଟିତ ହୋଇଯାଇଛି। ସାଗେନ ରାକାବ ଜୁଆନ ଆଖାଳା, ସର୍ଦୁସାହି, ରାଣୀପୋଖରୀ ଆନୁକଲଲ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରିମିଲ ଗୋଇପାଇ ଯୋଗଦେଇ ଉଦ†ାଟନ କରିଛନ୍ତି। ଏହି ଅବସରରେ ହୋ’ ସମ୍ପ୍ରଦାୟର ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ସଜାଇ ହୋଇ ପୂଜାର୍ଚ୍ଚନା କରିଛନ୍ତି। ପୂଜକ ଟମ ସିଂ ପୂଜା କାର୍ଯ୍ୟ ସମ୍ପାଦନା କରିଛନ୍ତି। ମାଦଳ ଓ ଦାମା ବାଜା ବଜାଇ ହାତକୁ ହାତ ଧରି ଆଦିବାସୀମାନେ କାନ୍ଧକୁ କାନ୍ଧ ମିଳାଇ ନାଚୁଛନ୍ତି। ପାରମ୍ପରିକ ନାଚ ଗୀତରେ ସମଗ୍ର ଅଞ୍ଚଳ ଦୁଲୁକୁଛି। କାର୍ଯ୍ୟକ୍ରମକୁ ଜୁଆନ ଆଖାଳା କମିଟିର ସଭାପତି ମଠାଏ ବୁଳିଉଲି, ସମ୍ପାଦକ ନାଲୁ ପୂର୍ତ୍ତି, ଯୁବନେତା ଜାମାଦାର ବାଲମୁଚୁ, ମାନସିଂହ ପୂର୍ତ୍ତି, ଦୁଃଖିଆ ସିଂ, ରାଜୁ ସିଂ ପ୍ରମୁଖ ପରିଚାଳନା କରୁଛନ୍ତି।

## ଗଜାପଥରଠାରେ ସଚେତନତା ଶିବିର

**ଠାକୁରମୁଣ୍ଡା, ୧୪।୨(ସମିସ):** ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଗଜାପଥରଠାରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ଏକ ସଚେତନତା ସଭା ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ମୁଖ୍ୟ ବକ୍ତା ଭାବେ ବାବା ଧିରେନ୍ଦ୍ର ଆଚାର୍ଯ୍ୟ, ସମାଜ ସେବୀ ହରିଶ୍ଚନ୍ଦ୍ର ହାଇବୁରୁ, ସମିତି ସଭ୍ୟା ଲିଲିମଣି ହିଙ୍ଗୁଳା, ଗଜାପଥର ବନ କମିଟି ସଭାପତି ନୀଳ ହାଇବୁରୁ ପ୍ରମୁଖ ଜଙ୍ଗଲକୁ ନିଆଁ ଦାଉରୁ କିପରି ରକ୍ଷା କରାଯାଇପାରି ସେ ନେଇ ଆଲୋଚନା କରିଥିଲେ। ଫରେଷ୍ଟର ଗିରିଜାନନ୍ଦନ ଦଳେଇ, ବିଜୟ କୁମାର ମହାନ୍ତ, ବିଶ୍ୱଜିତ ମହାନ୍ତ, ଚିତ୍ରମଣୀ ହୋ, ବନରକ୍ଷୀ ସନତ କୁମାର ମହାନ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଶିକ୍ଷକ ବଦଳି ପ୍ରତିବାଦରେ ରାସ୍ତାରୋକ

କୁଆମରା, ୧୪।୨(ସମିସ)



ଗୋପବନ୍ଧୁ ନଗର ବ୍ଲକ କୁଆମରା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ଅନ୍ୟ ଏକ ସ୍କୁଲକୁ ଡେପୁଟେସନରେ ପଠାଇବା ପ୍ରତିବାଦରେ ଶୁକ୍ରବାର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ରାସ୍ତାରୋକ କରିଥିଲେ। ଫଳରେ ଉଦଳା-ବୈଶିଙ୍ଗା ରାସ୍ତାରରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ ୨୦୨୨ରେ ଯୋଗ ଦେଇଥିଲେ। ତେବେ ତାଙ୍କର ଗତ ଜାନୁୟାରୀ ୨୭ ତାରିଖରେ ଖୁଣ୍ଟା ବାଳିକା ଉଚ୍ଚ ବିଦ୍ୟାଳୟକୁ ବଦଳି ଆଦେଶ ମିଳିବା ପରେ ଅଭିବାବକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନିଷ୍ପତ୍ତି ଅନୁଯାୟୀ ତାଙ୍କୁ ରିଲିଫ ନକରିବା ପାଇଁ ପରିଚାଳନା କମିଟି ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ମାତ୍ର ବଦଳି ଆଦେଶକୁ ୧୯ ଦିନ ବିତିଯିବା ପରେ ପ୍ରଧାନ ଶିକ୍ଷକ ତାଙ୍କୁ ରିଲିଫ ନ କରିବା ଯୋଗୁଁ ଆଜି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତାଗିଦ ପରେ ପ୍ରଧାନ ଶିକ୍ଷକ ରିଲିଫ କରିବାକୁ ବାଧ ହୋଇଥିଲେ। ଏହି ଖବର ଜଣାପଡ଼ିବା ପରେ ଅଭିଭାବକ ଓ ଛାତ୍ରଛାତ୍ରୀ ରାସ୍ତାରୋକ କରିବା ସହିତ ପ୍ରଧାନ ଶିକ୍ଷକ ଶିଶିର କୁମାର ପାତ୍ରଙ୍କୁ ଅଫିସ ମଧ୍ୟରେ ତାଲା ପକାଇ ଦେଇଥିଲେ। ସିଆରସିସି ସର୍ବେଶ୍ୱର ନାୟକ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ଆନ୍ଦୋଳନ ହଟି ନ ଥିଲା। ପରେ ଖବର ପାଇ ବିଡିଓ ପୃଥିରାଜ ପରିଡ଼ା ପହଞ୍ଚି ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ସହ ବଦଳି ଆଦେଶକୁ ପ୍ରତ୍ୟାହାର କରିବା ପରେ ରାସ୍ତାରୋକ ହଟିଥିଲା।

## ୪ ବିଡିଓ ଓ ୩ ଏସ୍‌ଡିପିଓଙ୍କ ବଦଳି

**ବାରିପଦା, ୧୪।୨(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ଓଏଏସ ସ୍ତରରେ ଅଦଳବଦଳ କରାଯାଇଛି। ଏ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହିକ୍ରମରେ ମୟୂରଭଞ୍ଜ ଜିଲ୍ଲାର ବିଡ଼ିଓ ମାନଙ୍କ ବଦଳି ହୋଇଛି। ରାସଗୋବିନ୍ଦପୁ ବିଡ଼ିଓ ସତ୍ୟଜିତ ରାଉତଙ୍କ ଖୁଣ୍ଟା ବିଡ଼ିଓ, ବାରିପଦା ବିଡ଼ିଓ ଐଶ୍ୱରିୟା ଭୂୟାଁଙ୍କ ନୟାଗଡ଼ ବିଡ଼ିଓ, ବାସନ୍ତୀ ଲେଙ୍କାଙ୍କୁ ତିରିଂ ବିଡ଼ିଓ, ତୃପ୍ତି ବରେଇ ଉଦଳା ବିଡ଼ିଓ ଭାବେ ବଦଳି କରାଯାଇଛି। ବଦଳି ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ରହିଛି। ସେହିପରି ଜିଲ୍ଲାର ୩ଜଣ ଏସଡିପିଓଙ୍କ ବଦଳି ହୋଇଛି। ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ନିମାପଡ଼ା ଏସଡିପିଓ ପ୍ରଭାତ କୁମାର ମଲ୍ଲିକଙ୍କ ବାରିପଦା ଏସଡିପିଓ, କରଞ୍ଜିଆ ଏସଡିପିଓ ରତିକାନ୍ତ ଗିରିଙ୍କ ଯାଜପୁର ପୁଲିସ ମୁଖ୍ୟାଳୟ ଓ କମିଶନରେଟ ପୁଲିସ ଏସସିପି ନବକିଶୋର ନାଏକଙ୍କ କରଞ୍ଜିଆ ଏସଡିପିଓ ଭାବେ ବଦଳି କରାଯାଇଛି।

ହୋ ସମାଜ ପକ୍ଷରୁ ମାଗେ ପରବ

# ଡିଙ୍ଗ୍ ଡୁପୁଲ ନୃତ୍ୟରେ ଦୁଲୁକିଲା ବାଉଁଶପାଣି



**ଠାକୁରମୁଣ୍ଡା, ୧୪।୨(ସମିସ):** ଠାକୁରମୁଣ୍ଡା ବ୍ଲକ ଶାଳଚୁଆ ଗ୍ରାମ ପଞ୍ଚାୟତ ବାଉଁଶପାଣି ଗ୍ରାମର ଜୟପାଲ ସିଂ ମୁଣ୍ଡା ଆଦିବାସୀ ବିକାଶ ୟୁନିୟନ ଏବଂ ଆନନ୍ଦପୁର ଅନ୍ତର୍ଗତ ପଇତାପାଣି ଗ୍ରାମର ବିର୍ସା ମୁଣ୍ଡା ହୋ ସମାଜ ମାର୍ଶାଲ ଆକାଳା ପକ୍ଷରୁ ଚଳିତବର୍ଷ ମାଗେ ପରବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଛି। ଏକ ସପ୍ତାହ ଧରି ଚାଲିଥିବା ଏହି ପରବ ଗୁରୁବାର ଉଦଯାପିତ ହୋଇଛି। ମାଗେ ପରବରେ ‘ହୋ ସମାଜ’ ପକ୍ଷରୁ ଆନାଦେର, ହେଃ ସାକାମ୍, ଗାଉ ମାରା, ଓତେଇଲି, ଲୟଗୁରିଃ, ମାଗେ ମାରାଂ, ଜା ତାରା, ହାର୍ ମାଗେ ଆଦି ପୂଜା ହୋଇଥାଏ। ସପ୍ତାହକ ଯାକ ପୂର୍ବ ପୁରୁଷଙ୍କୁ ସ୍ମୃତିକୁ ମନେ ପକାଇବା ପାଇଁ ଆବାଳ ବୃଦ୍ଧ ବନିତା ପାରମ୍ପରିକ ଡିଙ୍ଗ୍ ଡୁବୁଲ ନାଚରେ ମଜି ଯାଇଥାନ୍ତି। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ହୋ ଭାଷା ପରିଚାଳନା କମିଟି ସମ୍ପାଦକ ଲକ୍ଷ୍ମୀଧର ସିଂ ତିୟୁ ସମ୍ମାନିତ ଅତିଥି ଭାବେ ସୁନିଲ ଜାମୁଦା ଝାରଖଣ୍ଡରୁ ସୁନିତା ଗଇପାଇ, ସିଂଗବୁହେ ସାୱାୟା ଏବଂ ମୁଖ୍ୟ ବକ୍ତା ଭାବେ ଗଣେଶ୍ୱର ଗାଗରାଇ ଯୋଗ ଦେଇ ହୋ ସମ୍ପ୍ରଦାୟର ବିକାଶ ଏବଂ ଶିକ୍ଷାର ଉନ୍ନତି ପାଇଁ ସଦାସର୍ବଦା ଚେଷ୍ଟିତ ସରକାର ଅନ୍ୟ ନାଚ ଗୀତର ଯେପରି ବିକାଶ କରୁଛନ୍ତି ସେହିପରି ‘ହୋ ନାଚଗୀତ’ର ବିକାଶ ନିମନ୍ତେ ପ୍ରୋତ୍ସାହନ ରାଶି ଯୋଗାଇ ଦେବାକୁ ଦାବି ଉପସ୍ଥାପନ କରିବା ମୁଖ୍ୟ ଲକ୍ଷ୍ୟବୋଲି କହିଥିଲେ। ସଭାପତି ସୁରେଇ ହାଁସଦାଃ ସମ୍ପାଦକ ଭଗବାନ ସାମାଡ, ନିର୍ଦ୍ଦେଶକ ରାମଚନ୍ଦ୍ର ହେମ୍ବ୍ରମ, ମୁଣ୍ଡେ ରଙ୍ଗାଧର ସାମାଡ, ମାଣାକି ସୀତାରାମ ପୂର୍ତ୍ତି, ସିଂଗେ ପୂର୍ତ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ବାବା ତିଲକା ମାଝୀଙ୍କ ଜୟନ୍ତୀରେ ଆଦିବାସୀ ମହୋତ୍ସବ



ବିଶୋଇ, ୧୪।୨ (ସମିସ): ସ୍ୱାଧୀନତା ସଂଗ୍ରାମୀ ବାବା ତିଲକା ମାଝୀଙ୍କ ୨୭୫ତମ ଜୟନ୍ତୀ ଉପଲକ୍ଷେ ସାରନା ମାର୍ଶାଲ କ୍ଲବ ଆନୁକୂଲ୍ୟରେ ବିଶୋଇ ସାରନା ଛକ ପଡ଼ିଆ ପ୍ରାଙ୍ଗଣରେ ବାର୍ଷିକ କ୍ରୀଡା, ନୃତ୍ୟ, ସଙ୍ଗୀତ ଏକାଙ୍କିକା ସମାରୋହା ଆଦିବାସୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୧୧ ତାରିଖରେ କ୍ଲବ ପକ୍ଷରୁ ବାବା ତିଲକାଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଅପରାହ୍ନ ସମୟରେ ଡ଼ାଣ୍ଟା, ଦାସାଏଁ, ବୁଢ଼ୀଗାଳି, ହୋ ନାଚ, ଲଟା ଦୀପିଲ ବୁଢୀଗାଳି ଏବଂ ମାଙ୍କଡ଼ ନାଚ ସହିତ ବିଭିନ୍ନ ପ୍ରକାର ଆଦିବାସୀ ପାରମ୍ପରିକ ନୃତ୍ୟ ମଧ୍ୟ ଅନୁଷ୍ଠିତ ହୋଇଥିଲା। କ୍ଲବର ବରିଷ୍ଠ ସଦସ୍ୟ ତୁଳସୀ ରାମ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ବାବା ତିଲକା ମାଝୀଙ୍କ ଦେଶପ୍ରେମ ଜୀବନୀ ଉପରେ ବ୍ୟକ୍ତବ ରଖିଥିଲେ। ସମ୍ମାନିତ ଅତିଥି ଭାବରେ ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, ୱାର୍ଡସଭ୍ୟ ସୋନିଆ ମାହାଲି, ସମାଜସେବୀ ସୁବାଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାତିରେ ଡିସ୍କୋ ଲାଗଣେ ଓ ରେକର୍ଡ ଡ୍ୟାନ୍ସ ପ୍ରତିଯୋଗିତା ସାଙ୍ଗକୁ ଶନିବାର ଭଲିବଲ ଟୁର୍ଣ୍ଣାମେଣ୍ଟ ଏବଂ ଢ଼ାବୁଲ ନୃତ୍ୟ ଅନୁଷ୍ଠିତ ହେବ। କ୍ଲବର ବରିଷ୍ଠ ସଦସ୍ୟ ଜ୍ୟାତିନ୍ଦ୍ର ନାଥ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲୱାମା ସହିଦଙ୍କ ସ୍ମୃତିରେ ଶୋଭାଯାତ୍ରା

**ବହଳଦା, ୧୪।୨ (ସମିସ):** ବହଳଦା ଧୀରଜଲାଲ ମହାବିଦ୍ୟାଳୟର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ପୁଲୱାମା ସହିଦ ଦିବସ ପାଳନ କରାଯାଇଥିଲା। ‘ଭାରତ ମାତା କି ଜୟ’ ପୁଲୱାମା ବୀରପୁତ୍ର ତୁମକୁ ଶତ ନମନ ଆଦି ସ୍ଲୋଗାନ ଦେଇ ଶତାଧିକ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ବାହାରି ବହଳଦା ବଜାର ପରିକ୍ରମା କରିଥିଲେ। ପରେ ମନ୍ଦିର ନିକଟରେ ପହଞ୍ଚି ସାମୂହିକ ଦୀପ ଜାଳି ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ଗତ ୨୦୧୯ ଫେବୃଆରୀ ୧୪ ତାରିଖ ଭାରତୀୟ ସୈନିକମାନେ ସେନା ଗାଡିରେ ଯାଉଥିବା ବେଳେ ପାକିସ୍ଥାନ ଲ୍ୟାଣ୍ଡମାଇନ ବିସ୍ଫୋରଣ କରିଥିଲା। ଫଳରେ ୪୦ ଜଣ ସୈନିକ ବୀରଗତି ପ୍ରାପ୍ତ ହୋଇଥିଲେ। ସେହିମାନଙ୍କ ବଳିଦାନକୁ ମନେ ପକାଇବା ପାଇଁ ପୁଲୱାମା ଦିବସ ପାଳନ କରାଯାଇଥିଲା। ସାମ୍ବାଦିକ ଅଶୋକକୁମାର ରାଉତ ଉପସ୍ଥିତ କରହି ସେଦିନର କଳାସ୍ମୃତିକୁ ମନେ ପକାଇଥିଲେ। ଶୋଭାଯାତ୍ରାରେ ଏବିଭିପିର ବହୁ ଛାତ୍ର ନେତା ଉପସ୍ଥିତ ଥିଲେ।




## ପୁଲୱାମା ସହିଦଙ୍କ ସ୍ମୃତିରେ ରକ୍ତଦାନ ଶିବିର

**ବାରିପଦା, ୧୪।୨(ସମିସ):** ଜାମ୍ମୁ-କାଶ୍ମୀରର ପୁଲୱାମାଠାରେ ଦେଶ ମାତୃକା ପାଇଁ ସହିଦ ହୋଇଥିବା ୪୦ଜଣ ବୀର ଭାରତୀୟ ଯବାନଙ୍କ ସ୍ମୃତିରେ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ବାରିପଦା ତୁଳସୀଚଉରା ସ୍ଥିତ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ଶିବିରରେ ଅତିଥି ଭାବେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କାଉନସିଲର ଦେବାଶିଷ ପାତ୍ର ଓ ଅନନ୍ତ ଦାସ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ଶିବିରରେ ୫୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ କୋଷାଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଦାସ, ସତ୍ୟଜିତ କର, ସୁରେଶ ନାୟକ, ବାବୁଲା ଆଚାର୍ଯ୍ୟ, ସନ୍ତୋଷ ନାୟକ, ଚିତ୍ତରଞ୍ଜନ ଗିରି, ଶ୍ରୀକାନ୍ତ ବାରିକ, ବିଜନ ପଣ୍ଡା, ବରୁଣ ଘୋଷ, ମନୋଜ ଜେନା, ତରୁଣ ସାହାଣୀ, ସଞ୍ଜୟ ବାଗ, ନୀଳମଣି ବେହେରା, ସୁବ୍ରତ ମୁଖୀ, ନଳିନୀ ମହାପାତ୍ର ଓ ବିଭୁତି ଭୂଷଣ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ବାରିପଦା ରକ୍ତ ଭଣ୍ଡାରର ଡାକ୍ତର ଓ ବୈଷୟିକ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।



ବିଦ୍ୟାଳୟ ଶୌଚାଳୟରେ ତାଲା ପକାଇଛନ୍ତି ଠିକାଦାର

# ଶୌଚ ପାଇଁ ପଡ଼ିଆକୁ ଯାଉଛନ୍ତି ଛାତ୍ରଛାତ୍ରୀ



ରାଇରଙ୍ଗପୁର, ୧୪।୨(ସମିସ)

ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ଯୋଗୁଁ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ଗୋଟିଏ ଘରେ ରହି ପାଠ ପଢୁଛନ୍ତି। ବିଦ୍ୟାଳୟ ପରିସରରେ ଥିବା ଶୌଚାଳୟରେ ଠିକାଦାର ଗୃହ ନିର୍ମାଣ ସାମଗ୍ରୀ ରଖି ବନ୍ଦ ରଖିଛନ୍ତି। ଯଦ୍ୱାରା ବିଦ୍ୟାଳୟ କୁନି କୁନି ଛାତ୍ରମାନେ ଶୌଚ ପାଇଁ ବିଦ୍ୟାଳୟ ନିକଟ ପଡ଼ିଆ କିମ୍ବା ବିଲକୁ ଯାଉଥିବା ଦେଖାଯାଇଛି। ସୂଚନା ଅନୁସାରେ, ସୀମାନ୍ତ ତିରିଂ ବ୍ଲକ ଅଞ୍ଚଳ ଗୀତିଳତା ଗ୍ରାମ ପଞ୍ଚାୟତ ସାଲେଇ ପ୍ରାଥମିକ ବିଦ୍ୟାଳୟ ରହିଛି। ବିଦ୍ୟାଳୟର ପୁରୁଣା ଶ୍ରେଣୀ ଗୃହ କ୍ଷତିଗ୍ରସ୍ତ ହୋଇଥିବାରୁ ଆର୍ଥିକ ବର୍ଷ ୨୦୨୩-୨୪ ମସିହା ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ୫ ଲକ୍ଷ ବ୍ୟୟ ଅଟକଳରେ ନୂତନ ଶ୍ରେଣୀ ଗୃହ ନିର୍ମାଣ କରାଯାଇଥିଲା। ଏହା ପରେ ସେହି ନୂତନ ଶ୍ରେଣୀ ଗୃହରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ପ୍ରାୟ ୩୨ କୁନି କୁନି ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବିଦ୍ୟାଳୟ ପରିସରରେ ଶୌଚାଳୟ ରହିଛି; କିନ୍ତୁ ଏହାକୁ ଏକ ଠିକାଦାର ନିଜ କାମରେ ବ୍ୟବହାର କରୁଥିବା ଦେଖାଯାଇଛି। ସମ୍ପୃକ୍ତ ଠିକାଦାର ସାଲେଇ ପ୍ରାଥମିକ ବିଦ୍ୟାଳୟରେ ଥିବା ଶୌଚାଳୟ ଭିତରେ ସିମେଣ୍ଟ ସହିତ ଅନ୍ୟ ଗୃହ ନିର୍ମାଣ ସାମଗ୍ରୀ ଗଛିତ ରଖି ତାଲା ପକାଇ ଚାବିକାଠି ନିଜ ପାଖରେ ରଖିଛନ୍ତି। ଫଳରେ ପିଲାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ୩ ମାସରୁ ଅଧିକ ହେଲା ଶୌଚାଳୟ ବନ୍ଦ ଥିବାରୁ ଛାତ୍ରଛାତ୍ରୀ ଶୌଚପାଇଁ ପଡ଼ିଆକୁ ଯାଉଛନ୍ତି ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ତେଣୁ ବିଦ୍ୟାଳୟରେ ଅନ୍ୟ ଶ୍ରେଣୀ ଗୃହ ନିର୍ମାଣ କରିବା ସହିତ ଶୌଚାଳୟକୁ କାର୍ଯ୍ୟକ୍ଷମ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

କର୍ମଚାରୀର ପ୍ରେମ ଜାଲରେ ମାଲିକାଣୀ

# ଫେରାଇ ନେବାକୁ ଥାନାରେ ସ୍ୱାମୀ ଓ ଭାଇ

**ବାରିପଦା, ୧୪।୨(ସମିସ):** ରେଷ୍ଟୁରାଣ୍ଟରେ ନାମ ପରିବର୍ତ୍ତନ କରି କାମ କରୁଥିବା ଏଠାକାର ଜଣେ ଯୁବକ ମାଲିକାଣୀଙ୍କୁ ପ୍ରେମ ଜାଲରେ ପଶାଇ ବାରିପଦାକୁ ନେଇ ପଳାଇ ଆସିଥିଲେ। ତେବେ ଉଭଙ୍କୁ ଖୋଜିଖୋଜି ୭ ବର୍ଷର ଶିଶୁକନ୍ୟାକୁ ଧରି ମହିଳାଙ୍କ ସ୍ୱାମୀ ଓ ଭାଇ ବେଙ୍ଗାଲୁରୁରୁ ଆସି ଟାଉନ ଥାନାରେ ପହଞ୍ଚିବା ପରେ ଘଟଣା ପ୍ରଘଟ ହୋଇଛି। ଉକ୍ତ ଯୁବକଙ୍କ ନାମରେ ସେମାନେ ଅପହରଣ ଅଭିଯୋଗ କରିଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାଇ ବାରିପଦା ସହର ତୁଳସୀଚୌରା ଅଞ୍ଚଳର ଜଣେ ଯୁବକ ବେଙ୍ଗଲୁରୁର କେଙ୍ଗୁରୁ ଉପନଗର ଥିବା ଆର୍ବିଆନ ରେଷ୍ଟୁରାଣ୍ଟରେ କାମ କରୁଥିଲେ; ହେଲେ ରେଷ୍ଟୁରାଣ୍ଟର ମାଲିକାଣୀଙ୍କୁ ବିବାହ ଉଦ୍ଦେଶ୍ୟରେ ବାରିପଦା ଆଣିଥିଲା। ତେବେ ଏ ନେଇ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ସଦସ୍ୟମାନେ ଘଟଣାକୁ ନେଇ ଥାନା ସମ୍ମୁଖରେ ବିକ୍ଷୋଭ କରିବା ସହ ଉକ୍ତ ମହିଳାଙ୍କୁ ଫେରାଇ ନେବାକୁ ପରିବାର ଦାବି କରିଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ; ୨ ଗୁରୁତର

**ବୈଶିଙ୍ଗା, ୧୪।୨ (ସମିସ):** ବୈଶିଙ୍ଗା ଥାନା ଜରକା ଛକ ନିକଟରେ ଶୁକ୍ରବା ସନ୍ଧ୍ୟାରେ ଦୁଇ ବାଇକ ମଧ୍ୟରେ ଧକ୍କା ହେବାରୁ ଦୁଇଜଣ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ମୋରଡା ଥାନା ଅଧୀନ ମାକୁନ୍ଦ ଗ୍ରାମର ମଙ୍ଗଳ ସିଂଙ୍କ ପୁଅ ଗୋରା ସିଂ (୪୫) ଏବଂ ବାଲେଶ୍ୱର ଜିଲ୍ଲା ଅଧୀନ ରୂପସା ନିକଟ କେନ୍ଦୁଡାଙ୍ଗରି ଗ୍ରାମର କନ୍ଦନ ବାସ୍କେ (୧୮)। ଦୁଇ ଜଣଙ୍କୁ ଗୁରୁତର ଭାବେ ଉଦ୍ଧାର କରାଯାଇ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନା ଏବଂ ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।



‘ୱାଟ୍‌କୋ’ର ମନମାନି; ମାଘ ମାସରୁ ସହରରେ ଜଳ ସମସ୍ୟା ଉତ୍କଟ

# ସମୀକ୍ଷା ବୈଠକରେ ତାତିଲେ କାଉନ୍‌ସିଲର

ବାରିପଦା, ୧୪ ।୨(ସମିସ)



ମାଘ ମାସ ଆରମ୍ଭରୁ ବାରିପଦା ସହରରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଲାଣି। ବାରିପଦା ପୌରପାଳିକାର ୨୮ଟିଯାକ ୱାର୍ଡରେ ଜଳ ସମସ୍ୟା ଦେଖାଦେଇଥିବାବେଳେ ଆଗକୁ ଆହୁରି ପରିସ୍ଥିତି ସଙ୍ଗୀନ ହେବ ବୋଲି ସହରବାସୀ ଆଶଙ୍କା କଲେଣି। ଏ ନେଇ ୱାଟକୋ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ବି କୌଣସି ସମାଧାନ ହେଉନାହିଁ; ଯାହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଲାଣି। ତେବେ ସହରର ଜଳ ସମସ୍ୟାର ସମାଧାନ ପାଇଁ ପୌର ପରିଷଦ ଅଣ୍ଟା ଭିଡ଼ିଛି। ଫଳରେ ଶୁକ୍ରବାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପୌରୋହିତ୍ୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୱାଟକୋ ମୁଖ୍ୟ ପରିଚାଳକ ପିସି ମଲ୍ଲିକ, ଉପ ନଗରପାଳ ସୀମା ଦାସ ଓ ସମସ୍ତ କାଉନସିଲର ଉପସ୍ଥିତ ଥିଲେ ଏବଂ ସମସ୍ତ ୱାର୍ଡରେ ପାନୀୟ ଜଳ ଯୋଗାଣ ସମସ୍ୟା ନେଇ କାଉନସିଲରମାନେ ୱାଟକୋ ଉପରେ ତୀବ୍ର ଅସନ୍ତୋଷ ଜାହିର କରିବା ସହିତ ନିଜ ୱାର୍ଡର ସମସ୍ୟା ବାବଦରେ ଅବଗତ କରାଇଥିଲେ। ବହୁ ସ୍ଥାନରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ୱାଟକୋ କୌଣସି ଗୁରୁତ୍ୱ ଦେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଗୋଟିଏ ଘର ପାଇଁ ୨/୩ଟି ସଂଯୋଗ ଥିବାରୁ ଜଳ ସଙ୍କଟ ସୃଷ୍ଟି ହୋଇଛି। ଏପରିକି ଲୋକେ ପାଇପରୁ ହୋଟେଲ, ମଣ୍ଡପ, ଘର ଆଦି ମେସିନ ଲଗାଇ ପାଣି ନେଉଥିବାରୁ ୱାର୍ଡର ଶେଷମୁଣ୍ଡରେ ପାଣି ପହଞ୍ଚୁନାହିଁ। ପୌରାଞ୍ଚଳରେ ୧୦/୧୫ ବର୍ଷ ପୂର୍ବରୁ ଥିବା ପମ୍ପ ହାଉସ ରହିଥିଲେ ମଧ୍ୟ ୱାଟକୋ ନୂତନ ପମ୍ପ ହାଉସ ନିର୍ମାଣ କରୁନାହିଁ। ପୂର୍ବରୁ ଗୋଟିଏ ପମ୍ପ ହାଉସରେ ନିର୍ଭର କରୁଥିବା ଘରର ସଂଖ୍ୟା ମଧ୍ୟ ବର୍ତ୍ତମାନ ୩/୪ଗୁଣା ବୃଦ୍ଧି ପାଇଛି; ଯାହାକି ଗୋଟିଏ ପମ୍ପ ହାଉସ ଦ୍ୱାରା ଯୋଗାଣ କରିବା ଅସମ୍ଭବ। ତେଣୁକରି ନୂତନ ପମ୍ପ ହାଉସ ନିର୍ମାଣ କରିବାକୁ କାଉନସିଲରମାନେ ପ୍ରସ୍ତାବ ଦେଇଥିଲେ। ଏଥିସହିତ ନଳକୂପ ଓ ବୋରୱେଲଗୁଡିକ ମଧ୍ୟ ମରାମତି କରିବାକୁ ଦାବି କରିଥିଲେ। ବିଶେଷକରି ଜମ୍ବିର ଡ୍ୟାମରୁ ବାରିପଦା ସହରକୁ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉ ନ ଥିବାରୁ ଜଳ ସଙ୍କଟ ଦେଖାଯାଉଛି। ଏହାକୁ ଆରମ୍ଭ କରିବାରେ ବିଳମ୍ବ ହେଉଥିବାରୁ ନଗରପାଳ ଶ୍ରୀ ମହାନ୍ତି ଅସନ୍ତୋଷ ପ୍ରକାଶ କରିଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବାକୁ ସେ କହିଛନ୍ତି। ସହରରେ ପାଣି ପାଇପ ବିଛାଇବା ପାଇଁ ରାସ୍ତାଗୁଡ଼ିକ ଖୋଳି ଖାଲଖମାରେ ଭର୍ତ୍ତି କରିଛନ୍ତି। ଏମିତି ନୂତନ ରାସ୍ତା ଗୁଡ଼ିକ ମଧ୍ୟ ଖୋଳି ଦେଉଥିବା ବେଳେ ମରାମତି ହେଉନାହିଁ। ଯାହା ଫଳରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁକରି ତୁରନ୍ତ ରାସ୍ତା ଗୁଡ଼ିକର ମରାମତି କାର୍ଯ୍ୟ ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ୱାଟକୋ ବିଭାଗ ପକ୍ଷରୁ ଗୋଟିଏ ମାତ୍ର ପାଣି ଟ୍ୟାଙ୍କର ଥିବା ବେଳେ ଜରୁରୀ ସେବା ସମୟରେ ସବୁ ୱାର୍ଡରେ ପାନୀୟ ଜଳ ଯୋଗାଣ ସମ୍ଭବ ହେଉନି। ବାରିପଦା ୱାଟକୋକୁ ଆଉ ୨ଟି ଟ୍ୟାଙ୍କର ଦେବାକୁ ବିଭାଗକୁ ପତ୍ର ଲେଖିଥିଲେ ସୁଦ୍ଧା କାର୍ଯ୍ୟକାରୀ ହେଉନାହିଁ। ଭଡାସୂତ୍ରରେ ଅନ୍ୟ ଟ୍ୟାଙ୍କର ଆଣି ଜଳସଙ୍କଟ ସ୍ଥାନରେ ପାନୀୟ ଜଳ ଯୋଗାଇବା ପାଇଁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଳ ସଙ୍କଟକୁ ନେଇ ଗତ ୪ଦିନ ପୂର୍ବେ ଦେବେନ୍ଦ୍ରପୁରଠାରେ ଲୋକେ ରାସ୍ତାରୋକ କରିଥିଲେ। ତାହାର ମଧ୍ୟ ସ୍ଥାୟୀ ସମାଧାନ ହୋଇନାହିଁ। ଏ ନେଇ କାଉନସିଲରମାନେ ୱାଟକୋ ମୁଖ୍ୟ ପରିଚାଳକ ଶ୍ରୀ ମଲ୍ଲିକଙ୍କୁ ଲିଖିତଭାବେ ପ୍ରଦାନ କରିଛନ୍ତି। ଏହାର ଏକକ ନକଲ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ମଧ୍ୟ ଦିଆଯାଇଛି। ତେବେ ଜମ୍ବିରାରୁ ବାରିପଦା ସହରକୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ଆରମ୍ଭ ହେଲେ ସମସ୍ୟା ସମାଧାନ ହୋଇଯିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ତେବେ ଏହିସବୁ ସମସ୍ୟାର ସମାଧାନ ମାର୍ଚ୍ଚ ୩୧ତାରିଖ ସୁଦ୍ଧା କରିବାକୁ ପୌରପାଳିକା ପକ୍ଷରୁ କୁହାଯାଇଛି। ସମସ୍ୟା ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ନଗରପାଳ ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି।

**ମାର୍ଚ୍ଚ ୩୧ ସୁଦ୍ଧା ସମାଧାନ ନହେଲେ ଆନ୍ଦୋଳନ**

## ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର ସଂଘର ପ୍ରତିଷ୍ଠା ଦିବସ



**ବାରିପଦା, ୧୪ ।୨(ସମିସ):** ବ୍ୟାଙ୍କ ଅଫ୍ ଇଣ୍ଡିଆ ଓଡ଼ିଶା ଅଫିସର ସଂଘର ୪୪ତମ ପ୍ରତିଷ୍ଠା ଦିବସ ବାରିପଦାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ୫୦ଜଣ ବରିଷ୍ଠଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏଥିସହିତ ଓଆରଡି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିଚାଳିତ ଅନାଥ ତଥା ଅସହାୟ କେନ୍ଦ୍ରର ଅନ୍ତେବାସୀଙ୍କୁ ଖାଦ୍ୟ ସାମଗ୍ରୀ ଓ ଗରମରୁ ରକ୍ଷା ପାଇଁ ଫ୍ୟାନ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଆଞ୍ଚଳିକ ମହାପ୍ରବନ୍ଧକ ରମେଶ ଚନ୍ଦ୍ର ଦାସ ଉଦଘାଟନ କରିଥିଲେ। ଜାମସେଦପୁର ନାରାଣ ହସ୍ପିଟାଲର ବିଶେଷଜ୍ଞ ଓ କର୍ମଚାରୀଙ୍କ ଦ୍ୱାରା ଶିବିର ପରିଚାଳନା ହୋଇଥିଲା। ଉପପ୍ରବନ୍ଧକ ପ୍ରଦୀପ୍ତ ରଞ୍ଜନ ରାୟ ଏହି ଅବସରରେ ସମସ୍ତଙ୍କୁ ସମ୍ବୋଧିତ କରିଥିଲେ। ସଂଘର ଉପସଭାପତି ହେମନ୍ତ ଦାସ, ସଚିବ ଭବାନୀ ଶଙ୍କର ସାମଲ, ବାଲକ୍ରିଷ୍ଣ ଦେ ଓ ମାନସ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫେରାର ଅଭିଯୁକ୍ତ କୋର୍ଟ ଚାଲାଣ

**ଶୁଳିଆପଦା, ୧୪।୨(ସମିସ):** ସୋଲାର୍ ପ୍ଲେଟ୍ ଚୋରି ଅଭିଯୋଗରେ ଫେରାର ଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୨୦୨୪ ମସିହାରେ ଉତ୍ତମ କୁମାର ପତିଙ୍କ କୁକୁଡା ଫାର୍ମରୁ ସୋଲାର୍ ପ୍ଲେଟ୍ ଚୋରି ଅଭିଯୋଗରେ ୨ ଜଣ ଅଭିଯୁକ୍ତ ସହିତ ଉକ୍ତ ପ୍ଲେଟ୍‌କୁ କିଣିଥିବା ବ୍ୟକ୍ତିକୁ ଶୁଳିଆପଦା ପୁଲିସ ଗିରଫ କରିଥିଲା। ଅନ୍ୟତମ ଅଭିଯୁକ୍ତ ଶୁଳିଆପଦା ବ୍ଲକ କୁଜିଡିହି ପଞ୍ଚାୟତ ଅଧିନ କଙ୍କଡା ତେଲିଆ ଗ୍ରାମର ମଧୁସୂଦନ ବେହେରାଙ୍କ ପୁଅ ବୁଲୁ ଓରଫ୍ ଅମିର୍ କୁମାର ବେହେରା ଦୀର୍ଘଦିନ ଧରି ଫେରାର ଥିଲା।

ସଡ଼କ ସୁରକ୍ଷା ନେଇ ପୁଲିସ ଅଧିକାରୀଙ୍କୁ ପ୍ରଶିକ୍ଷଣ

## ଦୁର୍ଘଟଣାସ୍ଥଳରୁ ଆଇଆର୍‌ଏଡି ଆପ୍‌ରେ ଅପ୍‌ଲୋଡ୍ ହେବ ସବୁ ତଥ୍ୟ



**ବାରିପଦା, ୧୪।୨(ସମିସ):** ବେପରୁଆ ଗାଡି ଚାଳନା ଯୋଗୁଁ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବହୁ ସମୟରେ ଅଜଣା ଗାଡି ଧକ୍କାରେ ଅମୂଲ୍ୟ ଜୀବନ ମଧ୍ୟ କ୍ଷଣିକ ମଧ୍ୟରେ ପଳାଇଯାଉଛି। ତେଣୁ ତଥ୍ୟ ସଂଗ୍ରହ ପାଇଁ ଅତ୍ୟାଧୁନିକ ସଡ଼କ ଦୁର୍ଘଟଣା ତଥ୍ୟ ବିବରଣୀ (ଆଇଆରଏଡି) ଆପ୍ଲିକେସନ ଆରମ୍ଭ ହୋଇଛି। ଏଥିପାଇଁ ପରିବହନ ଓ ଜାତୀୟ ରାଜପଥ ବିଭାଗ ପକ୍ଷରୁ ବାରିପଦା ସ୍ଥିତ ପୁଲିସ ମୁଖ୍ୟାଳୟରେ ପ୍ରଶିକ୍ଷଣ ଦିଆଯାଇଛି। ଏହି କର୍ମଶାଳାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କ ଉପସ୍ଥିତିରେ ଡିଏସପି, ଆଇଆଇସି ଓ ଓଆଇସିଙ୍କୁ ମଧ୍ୟ ତାଲିମ ଦିଆଯାଇଛି। ଦୁର୍ଘଟଣା ସମ୍ପର୍କିତ ତଥ୍ୟ ପରିବହନ ବିଭାଗ ଡାଟାବେସରେ ସ୍ୱତନ୍ତ୍ର ଆପ୍ ସହାୟତାରେ ଅପଲୋଡ୍ ହେବ। କେଉଁ ସମୟରେ ଦୁର୍ଘଟଣା ଘଟିଲା, ମୃତାହତଙ୍କ ସୂଚନା, ଫଟୋ ଓ ଭିଡିଓ ମଧ୍ୟ ଅପଲୋଡ୍ ହେବ। ଏହି ତଥ୍ୟକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରାଳୟ ଏବଂ ଅନ୍ୟ ସରକାରୀ ସଂସ୍ଥା ମଧ୍ୟ ଉପଯୋଗ କରିପାରିବେ। ଏଥିସହିତ ଜାତୀୟ ଡାଟାବେସ୍ ସହ ରାଜ୍ୟର ଡାଟାବେସ୍ ସଂଯୋଗ କରାଯାଇଛି। ଗୋଟିଏ ପ୍ଲାଟଫର୍ମରେ ପୁଲିସ, ଆରଟିଓ, ପରିବହନ ବିଭାଗ, ଏନ୍‌ଏଚ୍‌ଏଆଇ, ପୂର୍ତ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରିବେ। ଦୁର୍ଘଟଣା ରୋକିବା ଦିଗରେ ସଠିକ୍ ତଥ୍ୟ ପ୍ରଦାନ କରିବ। ଉକ୍ତ ଆପ୍ଲିକେସନ୍ ମୋବାଇଲ୍‌ରେ ବି ବ୍ୟବହାର କରାଯାଇ ପାରିବ। ଆଇଆରଏଡି ଆପ୍ ବ୍ୟବହାର ପାଇଁ ସବୁ ଥାନାକୁ ଟ୍ୟାବ୍ ମଧ୍ୟ ଯୋଗାଇ ଦିଆଯାଇଛି। ସେନେଇ ବିଶେଷଜ୍ଞ ଦଳଙ୍କ ଦ୍ୱାରା ପୁଲିସ କର୍ମଚାରୀ ସମେତ ସବିଶେଷ ଭାବେ ଆଲୋଚନା କରି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଉକ୍ତ ଜ୍ଞାନକୌଶଳକୁ ସଠିକ ଭାବେ କାର୍ଯ୍ୟକାରୀ କରାଯାଇ ପାରିବ ସେ ନେଇ ବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନ କରିଥିଲେ।

୧୮ ରୁ ଯୁକ୍ତ ଦୁଇ ପରୀକ୍ଷା; ୭୭ଟି କେନ୍ଦ୍ରରେ ୨୪, ୪୪୪ ପରୀକ୍ଷାର୍ଥୀ

## ଜିଲ୍ଲାର ୯ ଟି ହବ୍‌ରେ ପହଞ୍ଚିଲା ପ୍ରଶ୍ନପତ୍ର

**ବାରିପଦା, ୧୪ ।୨(ସମିସ):** ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ। ଏଥିପାଇଁ କଡା ସୁରକ୍ଷା ବଳୟ ମଧ୍ୟରେ ହବକୁ ପ୍ରଶ୍ନପତ୍ର ପହଞ୍ଚିଛି। ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାର ୨୪ ହଜାର ୪୪୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କଳାରେ ୧୫ହଜାର ୯୯୧ଜଣ, ବାଣିଜ୍ୟରେ ୧ହଜାର ୧୪୫ଜଣ, ବିଜ୍ଞାନରେ ୬ହଜାର ୭୧୩ଜଣ ଓ ଧନ୍ଦାମୂଳକରେ ୫୯୫ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏହି ପରୀକ୍ଷା ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜିଲ୍ଲାର ୯ଟି ହବରେ ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ପହଞ୍ଚିଥିବା ବେଳେ ପ୍ରତି ହବରେ ପୁଲିସ ମୁତୟନ କରାଯାଇଛି। ପରୀକ୍ଷାକୁ ମୁକ୍ତ, ଅବାଧ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ପରିଷଦ ପକ୍ଷରୁ କଡା ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଉତ୍ତର ଓଡ଼ିଶା ଜୋନ ଉପସଚିବ ଜୟଦେବ ପରମାଣିକ ସୂଚନା ଦେଇଛନ୍ତି। ଉତ୍ତର ଓଡ଼ିଶା ଜୋନ କାର୍ଯ୍ୟାଳୟ ଅଧୀନରେ ମୋଟ ୩୦୨ରୁ ଊର୍ଦ୍ଧ୍ୱ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଏଥିପାଇଁ ୨୩୨ଟି କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ସେଥି ମଧ୍ୟରେ ମୟୂରଭଞ୍ଜରେ ୭୭ଟି ପରୀକ୍ଷା କେନ୍ଦ୍ର ରହିଛି। ପ୍ରତି ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଛି ଏବଂ ପରୀକ୍ଷା କେନ୍ଦ୍ରକୁ ମୋବାଇଲ ବାରଣ କରାଯାଇଛି। କପି ରୋକିବା ନିମନ୍ତେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ପରମାଣିକ ସୂଚନା ଦେଇଛନ୍ତି।

**ପରୀକ୍ଷା କେନ୍ଦ୍ରକୁ ମୋବାଇଲ ବାରଣ**

## ସଂକ୍ଷିପ୍ତ ଖବର

### ପିକ୍‌ଅପ୍ ଧକ୍କାରେ ଜଣେ ମୃତ

**ବାରିପଦା, ୧୪ ।୨(ସମିସ):** ରଜାବସାଠାରେ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ କାଳିକାପୁର ଅଞ୍ଚଳର କୁନି ଦାସ (୫୫)। ସେ ତାଙ୍କ ପୁଅ ସହ ବାଇକ ଯୋଗେ କୋଷ୍ଠାରୁ ବାରିପଦା ଫେରୁଥିବାବେଳେ ଏକ ପିକଅପ ଧକ୍କା ଦେଇ ଚମ୍ପଟ ମାରିଥିଲା। ଫଳରେ ସେ ବାଇକ୍‌ରୁ ପଡ଼ିବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ପିଆରଏମ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଏସସିବି ହସ୍ପିଟାଲକୁ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି।

### ପୁଣି ତାଲାବନ୍ଦ ଘରୁ ଚୋରି

ତାଲା ବନ୍ଦ ଘରୁ ଲୋକଙ୍କ ଅନୁପସ୍ଥିତିରେ ପୁଣି ଚୋରି ହୋଇଛି। ଏନେଇ ରଘୁନାଥପୁର ଅଞ୍ଚଳର ବିକାଶ ପାତ୍ର ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ସେ ପରିବାର ସହ ବାରିପଦା ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘରେ କଳାକନା ବୁଲାଇଛନ୍ତି। ସୁନା ଅଳଙ୍କାର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସେ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଗାନ୍ଧୀ ପାର୍କ ସମ୍ମୁଖରୁ ବାଇକ୍ ଚୋରି

ଗାନ୍ଧୀ ପାର୍କ ନିକଟରୁ ଏକ ବାଇକ ଚୋରି ହୋଇଛି। ଏନେଇ ବିଜୟରାମଚନ୍ଦ୍ରପୁର ଅଞ୍ଚଳର ଲକ୍ଷ୍ମଣ ପରିଡ଼ା ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ପାର୍କ ସମ୍ମୁଖରେ ବାଇକ ରଖିଥିଲେ; ହେଲେ ସେ ଫେରିବାବେଳେ ଉକ୍ତ ସ୍ଥାନରେ ବାଇକ ନଥିଲା। ବହୁ ଖୋଜାଖୋଜି ପରେ ବାଇକ ପାଇନଥିଲେ। ପରେ ସେ ଥାନାରେ ଅଭିଯୋଗ କରିଛନ୍ତି।

### ୧୦ ଲକ୍ଷ ଟଙ୍କାର ସୁନା ଚୋରି

ଲାଲବଜାର ସ୍ଥିତ ଏକ ଅଳଙ୍କାର ଦୋକାନରୁ ୧୦ ଲକ୍ଷ ଟଙ୍କାର ସୁନା ଚୋରି ହୋଇଛି। ଏନେଇ ଦୋକାନ ମାଲିକ ଲାଲ ବଜାର ଅଞ୍ଚଳର ପିଣ୍ଟୁ ପାନ୍ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଦୋକାନକୁ ଅଳଙ୍କାର ତିଆରି ନିମନ୍ତେ ୧୦୦ ଗ୍ରାମ ସୁନା ଆସିଥିଲା। ଦୋକାନର କର୍ମଚାରୀ ସୁମନ ମାଇତିଙ୍କୁ ସେ ଦୋକାନ ଚାବି ଦେଇଥିଲେ। ତା’ ପରଦିନ ଦୋକାନକୁ ଆସି ଦୋକାନକୁ ଆସି ଦେଖିଲା ବେଳକୁ ସୁନା ନ ଥିଲା। କର୍ମଚାରୀ ସୁମନ ଫେରାର ହୋଇଯାଇଛି। ସୁମନର କୌଣସି ସନ୍ଧାନ ନ ମିଳିବାରୁ ସେ ଥାନାରେ ଅଭିଯୋଗ କରିଛନ୍ତି।

ପାର୍ବତୀ ବାଳିକା ଉଚ୍ଚ ବିଦ୍ୟାଳୟ ହଷ୍ଟେଲରୁ ଦୁଇ ଛାତ୍ରୀଙ୍କ ବହିଷ୍କାର ଘଟଣା

## ତଦନ୍ତ କଲେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ



**ରାଇରଙ୍ଗପୁର, ୧୪ ।୨(ସମିସ):** ତିରିଂ ବ୍ଲକ ଅଞ୍ଚଳ ବଡଡାଲିମା ଗ୍ରାମ ପଞ୍ଚାୟତ ପାର୍ବତୀ ବାଳିକା ଉଚ୍ଚ ବିଦ୍ୟାଳୟ ହଷ୍ଟେଲରୁ ଦୁଇଜଣ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବହିଷ୍କାର ଘଟଣାର ତଦନ୍ତ କରିଛନ୍ତି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ। ଏହି ଘଟଣାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇବା ସହ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ସୂଚନା ଅନୁସାରେ ସୀମାନ୍ତ ତିରିଂ ବ୍ଲକ ଅଞ୍ଚଳ ବଡଡାଲିମା ଗ୍ରାମ ପଞ୍ଚାୟତ ପାର୍ବତୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୦ରୁ ଅଧିକ ଛାତ୍ରୀ ପଢୁଛନ୍ତି। ଏହି ସ୍କୁଲରେ ୧୦୦ ଶଯ୍ୟା ବିଶିଷ୍ଟ ଆଦିବାସୀ ହଷ୍ଟେଲ ରହିଛି। ତେବେ ଏହି ଦୁଇ ଛାତ୍ରୀ ପରିବାର ସହିତ କଥା ହେବା ନିମନ୍ତେ ମୋବାଇଲ ରଖିଥିବା ନେଇ ହଷ୍ଟେଲ କର୍ତ୍ତୃପକ୍ଷ ଅବଗତ ହେବା ପରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ସୂଚନା ଦେଇଥିଲେ। ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବଳଚନ୍ଦ୍ର ଦାସ ମହାପାତ୍ର ଦୁଇ ଛାତ୍ରୀଙ୍କ ଅଭିଭାବକ ଡକାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ହଷ୍ଟେଲରୁ ବହିଷ୍କାର କରିଦେଇଥିଲେ ବୋଲି ଅଭିଯୋଗ ହୋଇଛି। ବହିଷ୍କୃତ ହୋଇଥିବା ଦୁଇ ଛାତ୍ରୀ ତିରିଂ ବ୍ଲକ ଜେରାଇ ଓ ଅନ୍ୟ ଜଣେ ହଲୁଦବଣି ଗାଁର ବୋଲି ଜଣାପଡ଼ିଛି। ଏହି ଛାତ୍ରୀଙ୍କୁ ଫେରାଇ ଆଣିବାକୁ ଅଭିଭାବକମାନେ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ବହୁବାର କାକୁତି ମିନତି ହୋଇଥିଲେ; କିନ୍ତୁ ପ୍ରଧାନଶିକ୍ଷକ ଶୁଣି ନ ଥିଲେ। ଏହି ଘଟଣା ୩ ମାସ ବିତିଯାଇଥିଲେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇନାହାନ୍ତି। ଫଳରେ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଘଟଣା ସମ୍ପର୍କରେ ଅବଗତ ହେବା ପରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସେଠୀ ଆଜି ବିଦ୍ୟାଳୟରେ ପହଞ୍ଚି ଅଭିଭାବକଙ୍କୁ ଡକାଇ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି। ଏହି ଘଟଣାକୁ ନେଇ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଦୁଃଖ ପ୍ରକାଶ କରିବା ସହିତ ତୀବ୍ର ନିନ୍ଦା କରିଛନ୍ତି। ଏଥି ସହିତ ଘଟଣାକୁ ନେଇ ଏଡିଡବ୍ଲୁ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରିବା ସହିତ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ସେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବେ ବୋଲି ଶ୍ରୀ ପୂର୍ତ୍ତି କହିଛନ୍ତି।

## ବାରିପଦା ବ୍ଲକ୍‌ସ୍ତରୀୟ ‘ନିପୁଣ ଓଡ଼ିଶା’ ମେଳା



**ବାରିପଦା, ୧୪ ।୨(ସମିସ):** ଏମକେସି ଉଚ୍ଚ ବିଦ୍ୟାଳୟ ପରିସରରେ ବାରିପଦା ବ୍ଲକସ୍ତରୀୟ ‘ନିପୁଣ ଓଡ଼ିଶା’ ମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବାରିପଦା ବ୍ଲକ ଅଧ୍ୟକ୍ଷ ସୁନ୍ଦର ମୋହନ ସିଂ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବାସନ୍ତୀ ଟୁଡୁ ପ୍ରମୁଖ ଯୋଗ ଦେଇ ୧ମ ରୁ ୩ୟ ଶ୍ରେଣୀ ପିଲାଙ୍କ ପାଇଁ ଏହି କାର୍ଯ୍ୟକ୍ରମ ବେଶ ଫଳପ୍ରଦ ହେବ ବୋଲି ଆଶା ପୋଷଣ କରିଥିଲେ। ପରେ ସମସ୍ତ ଅତିଥି, ଉପସ୍ଥିତ ଶତାଧିକ ଅଭିଭାବକ/ଅଭିଭାବିକା, ଛାତ୍ରଛାତ୍ରୀ ଶପଥ ପାଠ କରିବା ସହ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ କରିଥିଲେ। ବିଆରସିସି ତପସ୍ୱିନୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମେଳାରେ ସମସ୍ତ ୧୩ଟି କ୍ଲଷ୍ଟରରୁ ୧୨୦ ଜଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲା ସମ୍ବଳ ଶିକ୍ଷକ ଧନପତି ମିଶ୍ର ଓ ଧନଞ୍ଜୟ ସାହୁ ଓ ଜିଲ୍ଲା ସଂଯୋଜକ ଯୋଗେଶ୍ୱର ଘୋଷ ମହାପାତ୍ର ଏହି ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଉଦଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରଜମୋହନ ମୁର୍ମୁ ଓ ଡଃ ସ୍ନେହଲତା ବେହେରା ଉପସ୍ଥିତ ଥିଲେ। ସିଆରସିସି ରାଜକିଶୋର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଇପଦାରେ ଜଳିଗଲା ୨ ବଖରା

**କୁଆମରା, ୧୪।୨ (ସମିସ):** ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ରାଇପଦା ଗ୍ରାମର ଗୁରୁବାର ରାତିରେ ଗୌରନାଏକଙ୍କ ଦୁଇ ବଖରା ଜଳିଯାଇଛି। ତେବେ ବିଦ୍ୟୁତ୍ ସର୍ଟ୍‌ସର୍କିଟ୍‌ରୁ ଏହି ନିଆଁ ଲାଗିଥିବା କୁହାଯାଉଛି। ଘରେ ଥିବା ଆସବାବପତ୍ର ଓ ଧାନ ଚାଉଳ ପୋଡି ନଷ୍ଟ ହୋଇଯାଇଛି। ଖବର ପାଇ ପୁରୁଣା ବାରିପଦା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆଜି ସରପଞ୍ଚ ଭୋଳାନାଥ ସିଂ ପହଞ୍ଚି ବିପନ୍ନ ପରିବାରଙ୍କୁ ସହାୟତା ଯୋଗାଇ ଦେଇଛନ୍ତି।

୮ ସନ୍ତାନର ଲାଳନପାଳନ ପାଇଁ ଦମ୍ପତି ଅସମର୍ଥ

## ୫ ମାସର ଶିଶୁକନ୍ୟାକୁ ଅନ୍ୟକୁ ଟେକିଦେଲା ମା’

**ମୋରଡ଼ା, ୧୪।୨(ସମିସ):** ମୋରଡ଼ା ବ୍ଲକ ଅନ୍ତର୍ଗତ କୋହି ପଞ୍ଚାୟତ ସୋନପୁରିଆ ଗାଁରେ ବସବାସ କରୁଥିବା ଦମ୍ପତି ଲାଖିୟା ହାଁସଦା ଓ ତାଙ୍କ ସ୍ୱାମୀ ମୋହନ ହାଁସଦା ଶୁକ୍ରବାର ଜଣେ ହାଣ୍ଡିବାଲାକୁ ତାଙ୍କର ପାଞ୍ଚ ମାସର ଶିଶୁକନ୍ୟାକୁ ଲାଳନ ପାଳନ ନିମନ୍ତେ ଦେଇଥିବା ନେଇ ଖବର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଶିଶୁର ମା’ ଲାଖିୟାଙ୍କ କହିବା ମୁତାବକ ସେ ସାମାଖୁଣ୍ଟା ବ୍ଲକ ଆମ୍ବଶିକିଡା ଗାଁରେ ୨୦୦୯ ମସିହାରେ ମୋହନଙ୍କୁ ବିବାହ କରିଥିଲେ। ତେବେ ଶଶୁର ଘରେ ରହିବା ପାଇଁ ସମସ୍ୟା ହେବାରୁ ବଡ଼ ପୁଅକୁ ଧରି ସେ ବାପ ଘରକୁ ପଳାଇ ଆସିଥିଲେ। ବାପ ଘରେ ୧୦ବର୍ଷ ହେଲା ରହିଆସୁଥିବା ବେଳେ ତାଙ୍କର ୪ଟି ପୁଅ ଏବଂ ୪ଟି ଝିଅ ଅଛନ୍ତି। ସ୍ୱାମୀ ମୋହନ ଦିନ ମଜୁରିଆ କାମକରି ପରିବାର ପୋଡିପୋଷଣ କରିଥାନ୍ତି; କିନ୍ତୁ ୮ଟିଯାକ ସନ୍ତାନକୁ ଲାଳନ ପାଳନ କରିବାକୁ ଅସମର୍ଥ ହେବାରୁ ୫ମାସର ଶିଶୁ କନ୍ୟାକୁ ତାଙ୍କ ଘରକୁ ଆସୁଥିବା ଶୁଳିଆପଦା ଥାନା ଅନ୍ତର୍ଗତ ଧାତିକା ଗ୍ରାମର ହାଣ୍ଡିବାଲା ମନୋରଞ୍ଜନ ବେହେରାଙ୍କୁ ଟେକି ଦେଇଥିବା ଜଣାପଡ଼ିଛି। ଏହି ଖବର ଅଙ୍ଗନୱାଡି କର୍ମୀ ଗାଉରା କିସ୍କୁ ଜାଣିବା ପରେ ସଙ୍ଗେ ସଙ୍ଗେ ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟଙ୍କୁ ଜଣାଇଥିଲେ। ପରେ ଶ୍ରୀମତୀ ଦଣ୍ଡପାଟ ଶୁଳିଆପଦା ସିଡିପିଓ ତନୁଶ୍ରୀ ମିଶ୍ରଙ୍କୁ ହାଣ୍ଡିବାଲାଙ୍କ ଘରକୁ ପଠାଇଥିଲେ। ତାପରେ କୋହି ସୁପରଭାଇଜର ସୁଷମା ପାଣିଗ୍ରାହୀ ଏବଂ ଆଶା କର୍ମୀ ପ୍ରଜ୍ଞାପାରମିତା ନାୟକଙ୍କୁ ଲାଖିୟାଙ୍କ ଘରକୁ ପଠାଇଥିଲେ। ତେବେ ଅସୁସ୍ଥତା କାରଣରୁ ସିଡିପିଓ ଛୁଟିରେ ଥିବାରୁ ସୁପ୍ରଭାଇଜର ସୁଷମା ପାଣିଗ୍ରାହୀ ଧାତିକା ଗ୍ରାମକୁ ଯାଇ ଜାଣିବାକୁ ପାଇଥିଲେ ଯେ ମନୋରଞ୍ଜନ ଉକ୍ତ ଶିଶୁ କନ୍ୟାକୁ ପଶ୍ଚିମବଙ୍ଗ ଅଞ୍ଚଳର ନିଜ ସମ୍ପର୍କୀୟ ଅଭିଜିତ ସିଂଙ୍କୁ ଦେଉଥିବାବେଳେ ଶୁଳିଆପଦା ସିଡିପିଓ ତନୁଶ୍ରୀ ମିଶ୍ର ଏବଂ ସୁପରଭାଇଜର ସୁଷମା ପାଣିଗ୍ରାହୀ ତାଙ୍କୁ ମାଡିବସି ଶିଶୁକୁ ଉଦ୍ଧାର କରିଥିଲେ। ଶିଶୁକନ୍ୟାକୁ ବର୍ତ୍ତମାନ ବାରିପଦାସ୍ଥିତ ଜିଲା ଶିଶୁ କଲ୍ୟାଣ ବିଭାଗକୁ ପଠାଯାଇଛି ବୋଲି କହିଛନ୍ତି ମୋରଡା ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟ ସୂଚନା ଦେଇଛନ୍ତି।

**ପଶ୍ଚିମବଙ୍ଗକୁ ଚାଲାଣ କରୁଥିବା ଯୁବକକୁ ମାଡ଼ି ବସିଲା ଶିଶୁ କଲ୍ୟାଣ ବିଭାଗ**

ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ଲିଙ୍ଗ ଅନ୍ତର୍ଭୁକ୍ତିକରଣ କର୍ମଶାଳା

## ପ୍ରସ୍ତୁତ ହେବ ପଞ୍ଚାୟତୱାରୀ ଡାଟାବେସ୍

ବାରିପଦା ୧୪ ।୨(ସମିସ)




ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ‘ବିପର୍ଯ୍ୟୟ ବିପଦ ହ୍ରାସ ନିମନ୍ତେ ମୁଖ୍ୟସ୍ରୋତ ଲିଙ୍ଗ ଅନ୍ତର୍ଭୁକ୍ତିକରଣ’ ଶୀର୍ଷକ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସବିତା ମାଝୀ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡ଼ା, ଜିଲ୍ଲା ଚିକିତ୍ସାଧିକାରୀ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଭୁବନେଶ୍ୱର ଓଏସଡିଏମଏର ସାଧାରଣ ପରିଚାଳକ ତାପସ କୁମାର ସେଠୀ ବିପର୍ଯ୍ୟୟ ପରିଚାଳନାରେ ବିପଦ ହ୍ରାସ ନିମନ୍ତେ ପ୍ରଥମ କରି ନୂତନ ଚିନ୍ତାଧାରା ମୁଖ୍ୟସ୍ରୋତ ଲିଙ୍ଗ ଅନ୍ତର୍ଭୁକ୍ତିକରଣକୁ ପରିଚାଳନା ପରିସରଭୁକ୍ତ କରାଯାଇଛି ବୋଲି କହିଥିଲେ। ଏଥିପାଇଁ ଗ୍ରାମପଞ୍ଚାୟତ ୱାରୀ କେତେ ମହିଳା, ଆସନ୍ନପ୍ରସବା, ତୃତୀୟ ଲିଙ୍ଗୀ, କେତେ ବୃଦ୍ଧ ବୃଦ୍ଧା, ବିଭିନ୍ନ ବୟସର ପୁତ୍ର କନ୍ୟା ସଂଖ୍ୟା, ଛାତ୍ରଛାତ୍ରୀ ସଂଖ୍ୟା, ପୁରାତନ ରୋଗରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ଆଦି ତଥ୍ୟକୁ ନେଇ ଏକ ଡାଟାବେସ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଏହି ଡାଟାବେସକୁ ଆଧାର କରି ବିପର୍ଯ୍ୟୟ ପରିଚାଳନା ପାଇଁ ଭବିଷ୍ୟତର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ ଏବଂ ଆଗାମୀ ସମୟରେ ବିପର୍ଯ୍ୟୟ ମୁକାବିଲା ପାଇଁ ଆବଶ୍ୟକ ଅନୁଯାୟୀ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଜିଲ୍ଲା ଜରୁରୀକାଳୀନ ଉପବିଭାଗର ଡେପୁଟି କଲେକ୍ଟର ମିସ ଶ୍ରଦ୍ଧା ସୁମନ ସ୍ୱାଗତ ଭାଷଣ ଦେଇଥିଲେ। ଜେଣ୍ଡର ବିଶେଷଜ୍ଞ ଆରଣ୍ୟକ ମିଶ୍ର, ପ୍ରକଳ୍ପ ସଂଯୋଜକ ସୁବୋଧ ନାୟକ ପାୱାର ପ୍ରୋଜେକ୍ଟ ମାଧ୍ୟମରେ ସମସ୍ତ ବିଷୟରେ ଦଳଗତ ଆଲୋଚନା କରିଥିଲେ। କର୍ମଶାଳାରେ ଡିପିଓ, ଡିଏସଡବ୍ଲୁଓ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ, ସ୍ୱାସ୍ଥ୍ୟ, ଶିକ୍ଷା, ବିଭାଗର କର୍ମଚାରୀ, ମିଶନ ଶକ୍ତିର ସଦସ୍ୟା ଉପସ୍ଥିତ ଥିଲେ।

**କିଣାଗଲାଣି ୪୦୩୭୯ ଜଣ ଚାଷୀଙ୍କ ୧୫୬୪୬୪୧.୦୮ କ୍ୟୁଣ୍ଟାଲ ଧାନ**

# ମିଳିଛି ୩୫୪୧୮ ଚାଷୀଙ୍କ ୧୩୭୮୧୪୪ କ୍ୟୁଣ୍ଟାଲ ଧାନର ଏମ୍‌ଏସ୍‌ପି



**କେନ୍ଦୁଝର, ୧୪।୨(ସମିସ):** କେନ୍ଦୁଝର ଜିଲ୍ଲାରେ ଗତବର୍ଷ ଅପେକ୍ଷା ଧାନ କିଣା ଏବର୍ଷ କିଛି ମାତ୍ରାରେ ବଢ଼ିବ ବୋଲି ଅନୁମାନ କରାଯାଉଛି। ବିଗତ ବର୍ଷ ଅପେକ୍ଷା ଏବର୍ଷ ଚାଷୀମାନେ ଅଧିକ ଧାନ ବିକ୍ରୟ ନିମନ୍ତେ ଦାବି ରଖିଛନ୍ତି। ଗତବର୍ଷ ମୋଟ ୧୫ ଲକ୍ଷ ୮୦ ହଜାର କ୍ୟୁଣ୍ଟାଲ ଧାନ ଚାଷୀଙ୍କଠାରୁ କିଣା ଯାଇଥିଲା। ଏଥର ୧୯୨୯୮୦୬ କ୍ୟୁଣ୍ଟାଲ ଧାନ ବିକ୍ରୟ ପାଇଁ ଡିମାଣ୍ଡ ଆସିଛି। ଡିମାଣ୍ଡ ଆସିଥିବା ସମସ୍ତ ଧାନ କିଣା ନିମନ୍ତେ ଜିଲ୍ଲା ପ୍ରଶାସନ ସରକାରଙ୍କ ଅନୁମତି ମାଗିଛନ୍ତି।

ଏବର୍ଷ ଫେବୃଆରୀ ୧୪ ତାରିଖ ପର୍ଯ୍ୟନ୍ତ ୪୦୩୭୯ ଜଣ ଚାଷୀଙ୍କର ୯୫ଟି ମଣ୍ଡି ମାଧ୍ୟମରେ କ୍ୟୁଣ୍ଟାଲ ଧାନ ୧୫୬୪୬୪୧.୦୮ କ୍ୟୁଣ୍ଟାଲ କିଣା ସରିଲାଣି। ସୂଚନା ଅନୁସାରେ, ମରେଇଗାଁ ୪୯୬୬୩.୨ କ୍ୟୁଣ୍ଟାଲ, ଶଢାର ଢେଙ୍କାରେ ୧୭୯୮୯.୭୯, ପଳାସପଙ୍ଗା ଲ୍ୟାମ୍ପ ୪୦୦୭୪.୯୮୭, ତେଲକୋଇ ଲ୍ୟାମ୍ପ ୨୮୯୪୮.୦୭, ଖଲଣା ଏସସିଏସ ୩୪୪୨୨.୮୨, ଉଖୁଣ୍ଡା ଲ୍ୟାମ୍ପ ୩୧୫୧୮.୧୯, ଡଅଁର ୩୩୮୩୯.୦୯, କେଶଦୁରପଲରେ ୨୭୪୪୯, ହରିଚନ୍ଦନପୁର ୨୯୮୯୮.୩୨, ପଦ୍ମପୁର ୨୯୦୦୬.୧୮, ପିଠାଗୋଳା ୨୨୨୦୫.୫୩, ସୋସୋ ୨୪୦୮୭.୪୪, ସମଣା ୩୨୦୧୮.୫୭, ଝୁମ୍ପୁରା ଲ୍ୟାମ୍ପ ୨୭୯୧୮.୯୪, ସଦର ଲ୍ୟାମ୍ପ ନରଣପୁର ୨୭୦୮୯.୭୨, ବଡରମ୍ପାସ ୩୫୮୩୬.୭୯, ବାଙ୍ଗର ୨୫୬୨୪.୫୮, ଦରଡିପାଳ ଏସସିଏସ ୨୮୯୮୨.୪୨, ପାଟଣା ଲ୍ୟାମ୍ପ ୨୩୬୭୬.୦୩, ପଞ୍ଚୁଗୋଛିଆ ୨୮୪୯୫.୧୬, ଚଉଠିଆ ୧୨୭୨୬.୮୪, ଖାଲିଆମେଣ୍ଟ ଏସସିଏସ ୨୨୧୫୧.୬୯, ଚେମଣା ୨୩୦୪୧.୩, ଦେଓଗାଁ ଏସସିଏସ ୨୨୫୭୦.୦୬, ଘଟଗାଁ ୨୧୨୬୮.୭୮, ମାଛଗାଡ ୧୯୭୭୨.୭୮, ଭଗାମୁଣ୍ଡା୯୧୮୭.୪୯, ବଳାରାମପୁର ଏସସିଏସ ୨୩୧୫୯.୩୧, ଢେଙ୍କିକୋଟ ୨୦୧୯୦.୨୫, ସାହାରପଡା ଲ୍ୟାମ୍ପ ୧୫୭୩୮.୪୩, ଜଂଘିରା ଲ୍ୟାମ୍ପ୧୭୨୭୭.୮୪, ରାଇସୁଆଁ ୧୯୨୬୫.୧୨, ଜମୁନାପଷି ୧୫୦୮୮.୭୬, ଗଡ଼ ବାନ୍ଧଗଡା ଏସସି ୧୯୬୮୨.୬୮, ବାଉଁଶଗଡ଼ ୧୩୧୪୯.୫୯, କେନ୍ଦେଇପଶି ୧୩୧୭୭.୯୮, ସାଳଣିଆ ୨୩୮୫୨.୦୧, ଛାମୁଣ୍ଡା ୧୫୮୬୦.୦୪, ପିପିଳିଆ୨୩୮୬୩.୨୮, ଟଭାସରୁଆ୧୮୨୫୭.୯୩, ଓରାଳୀ ୧୬୬୪୦.୫୧, ରେବଣା ପଳାସପାଳ ୧୬୪୫୩.୬, କାଳିଆହତା ରାଇସୁଆଁ ୧୨୮୮୨.୦୬, ବଡପଳାସପାଳ ୧୭୨୧୩.୧୧, ବକ୍ସି ବାରିଗାଁ ୧୬୧୯୯.୨୩, କାଳିଆହତା ୧୧୨୭୯.୨୨, ଶୈଳଙ୍ଗ ୧୭୪୪୭.୬୮, ଭଣ୍ଡାରୀଡିହା ୧୪୫୭୩.୩, ବାଉଁସୁଳି ୧୩୫୧୯.୨୯, ରାଜନଗର ଲ୍ୟାମ୍ପ ୧୨୭୨୮.୭୪, ସାଲଦେଇ ଏସସିଏସ ୧୯୬୮୧.୨୭, ମୈଦାନକେଲ ୧୪୦୦୬.୯୬, ଦେଉଳଡିହା ୯୨୩୧.୩, ସାଢାର ଢେଙ୍କା ୧୭୯୮୯.୭୯, ଏରେଣ୍ଡେଇ ୧୫୯୪୨.୯, କରଞ୍ଜିଆ ୨୨୪୦୧.୨୫, ଭୂଇଁପୁର ୧୨୮୮୧.୧୪, ଗୟଲମୁଣ୍ଡା ୧୧୮୨୫.୬, ସିରିଗିଡା ୧୧୫୮୭.୭୯, ପଣ୍ଡପଡା୧୪୧୧୫.୬୪, ଉଦୟପୁର୮୧୧୬୭୮.୯୯, ତରତରା ୧୩୭୨୬.୨୫, ଖଜିରାପାଟ ୨୨୫୪୪.୩୬, ଆମ୍ବୋ ୧୦୧୦୮.୩୭, ରିମୁଳି ୯୫୬୬.୦୮, ଧକଟା ୧୦୪୩୮.୬୧, ରଘୁନାଥପୁର ୧୫୨୮୭.୪୮, ଭଣ୍ଡା ଲ୍ୟାମ୍ପ୧୨୮୫୭.୮୫, ଜ୍ୟୋତିପୁର ୬୮୩୭.୧୬, ଆଶନପାଟ ୯୧୩୬.୯୫, ଜ୍ୟୋତିପୁର ଫୁଲକଳେଇଁ ୧୦୪୦୪.୮୫, ଅଳତି ୧୩୪୭୧.୧୩, ବାତୋ ୯୦୯୭.୯୬, ତରତରା କଣ୍ଟିପାଳ ୮୬୬୬.୨୫, କୋଡ଼ପଡା ୨୦୮୬୦.୬୭, ବାଲିବନ୍ଧ ୮୯୫୭.୨୮, ପଣଷଡିହା୮୫୫୪.୯୮, ବଡ ରମ୍ପାସର ସୁଲଣା ୮୨୫୭.୧୭, ଚମ୍ପୁଆ ୮୦୯୯.୮୭, ଧକଟାର କୋଲିମାଟି ୩୯୮୦.୪୯, ଫକିରପୁର ୪୭୨୯.୩୧, ତରମାକାନ୍ତ ୪୨୦୬.୧୨, ଶୁଆକାଟୀ ଲ୍ୟାମ୍ପ ୩୯୦୫.୧୬.୨୮, ପଞ୍ଚପାଲି ୮୧୭୨.୨୮, ରାମଚନ୍ଦ୍ରପୁରର ବଡପଦନ।୮୦୮୬.୩୭, ଜାମୁଦଲକ ୯୨୬୯.୨୨, ଗୋନାସିକା ଲ୍ୟାମ୍ପ ୩୦୫୦, ନୟାକୋଟ ୬୩୩୯.୯୮, କୁମୁଣ୍ଡିର ତଳଜାଗର୭୨୫୭.୦୪, ବାଲିବରେଇ ୨୫୫୪.୯୭, ସିରିଗିଡାର ଭୀମକାଣ୍ଡ ୭୦୭୧.୮୩, ବେଲବାହାଲି ୨୦୧୭୩.୬୮, ପଦ୍ମପୁର ୨୯୦୦୬.୧୮, ଆନନ୍ଦପୁର ଏସସିଏସରେ ଶୁକ୍ରବାର ୧୪ ଫେବୃଆରୀ ପର୍ଯ୍ୟନ୍ତ ୫୯୮.୯୪ କ୍ୟୁଣ୍ଟାଲ ଧାନକିଣାକୁ ମିଶାଇ ମୋଟ ୧୫୬୪୬୪୧.୦୮ କ୍ୟୁଣ୍ଟାଲ ଧାନ କିଣା ସାରିଛି। ତେବେ ଧାନ କିଣା ହୋଇଥିବା ଚାଷୀଙ୍କ ମଧ୍ୟରୁ ୧୪ ତାରିଖ ପର୍ଯ୍ୟନ୍ତ ୩୫୪୧୮ ଜଣ ଚାଷୀଙ୍କୁ ୧୩୭୮୧୪୪ କ୍ୟୁଣ୍ଟାଲ ଧାନର ଏମଏସପି ଅର୍ଥ ଦିଆସାରିଥିବା ସୂଚନା ମିଳିଛି।

## ମୟୂରନଚାରେ ଫୁଟ୍‌ବଲ ପ୍ରତିଯୋଗିତା

**ସୋସୋ, ୧୪।୨(ସମିସ):** ହାଟଡିହି ବ୍ଲକର ଆଦିବାସୀ ବହୁଳ କେ. ବାଲିପାଳ ପଞ୍ଚାୟତ ମୟୂରନଚା ମିନି ଷ୍ଟାଡିୟମରେ ବଡମେଶ୍ୱର କ୍ଲବ ଆନୁକୂଲ୍ୟରେ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ବରିଷ୍ଠ ବିଜେପି ନେତା ଆଲୋକ ସେଠୀ, ସରପଞ୍ଚ କୁନ୍ତଳା ନାଇକ, ସମିତିସଭ୍ୟା ଗୋଦାବରୀ ନାଇକ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଟିକି କିସ୍କୁ, ପୁର୍ବତନ ସରପଞ୍ଚ ବିବେକାନନ୍ଦ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାରୁ ୩୨ଟି ଆଦିବାସୀ ଟିମ୍ ଯୋଗ ଦେବାକୁ ଥିବାବେଳେ ଏହା ୪ ଦିନ ଧରି ଚାଲିବ। ୟୁଥ କ୍ଲବର ଭଗବାନ ନାୟକ, ବୈଲୋଚନ ସେନାପତି, ନାରାଣ ହୋ, ଦିବାକର ହୋ, ଦୁର୍ଗା ହୋ, ପ୍ରଭାକର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ଟୋଲଙ୍କପଡ଼ାରେ ତମାଖୁମୁକ୍ତ ସଚେତନତା

**ବେଲବାହାଲି, ୧୪।୨ (ସମିସ):** ଆନନ୍ଦପୁର ବ୍ଲକ ଟୋଲଙ୍କପଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଦିନିକିଆ ତମାଖୁମୁକ୍ତ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଡ. ସୁରେଶ ବେହେରା, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ସମାଜସ୍ୱାସ୍ଥ୍ୟ ଅଧିକାରୀ ଭଗବତୀ ସାହୁ, ଏଚଡବ୍ଲୁଏମ୍ ଆଶୁତୋଷ ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିସରକୁ ତମାଖୁମୁକ୍ତ ଅଞ୍ଚଳ ଘୋଷଣା କରାଯିବା ସହ ସାଇନବୋର୍ଡ ଲଗାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ସନ୍ତୋଷ ଜେନା, ଆଶାକର୍ମୀ ଝୁନୁଲତା ବାରିକ, ଅନ୍ନପୂର୍ଣ୍ଣା ଦାସ, ରଞ୍ଜିତା ଜେନା, ସିଏଚସି କର୍ମଚାରୀ ଏମଆରଏ ରାଜା ସୁଶୋଭନ ପଣ୍ଡା, ଜିତୁନ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଶିବନାରାୟଣପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ




**ସୋସୋ, ୧୪।୨(ସମିସ):** ହାଟଡିହି ବ୍ଲକ ଶିବନାରାୟଣପୁର ସରକାରୀ ଉପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ରୀକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହାଟଡିହି ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ମୁଖ୍ୟବକ୍ତା ବ୍ଲକ ଶିକ୍ଷାଧିକାରୀ ଓମକାର ଅନ୍ୱେଶ୍, ସମ୍ମାନିତ ଅତିଥି ବିଆରସିସି ପ୍ରମୋଦ ନାୟକ, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ପୂର୍ବତନ ସରପଞ୍ଚ ଶଶାଙ୍କ ଶେଖର ପୁହାଣ, ସିଆରସିସି ନିହାର ରଞ୍ଜନ ସ୍ୱାଇଁ, ବିଦ୍ୟାଳୟ କମିଟିର ଅଧ୍ୟକ୍ଷ ପ୍ରଭାକର ଖଣ୍ଡା ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ବନଲତା ପାତ୍ର ଅତିଥି ପରିଚୟ ଓ ଶିକ୍ଷକ ପ୍ରଫୁଲ୍ଲ ମଣ୍ଡଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଦେବଯାନୀ ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପଦ୍ମାବତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅଶୋକ ସେଠୀ, ତନ୍ମୟ ପଟ୍ଟନାୟକ, ଆଶିଷ ଜେନା ଓ କମିଟି ସଦସ୍ୟ ସହଯୋଗ କରିଥିଲେ। ଲକ୍ଷ୍ମୀନାରାୟଣ ବସ୍ତ୍ରାଳୟର ନିର୍ଦ୍ଦେଶକ ସତ୍ୟଭୂଷଣ ସାହୁ ଚାମ୍ପିଅନ ସାଇରଞ୍ଜନ ଜେନା ଓ ପ୍ରିତିପ୍ରଜ୍ଞା ସାହୁଙ୍କୁ ସାତ ଫୁଟ ଉଚ୍ଚର ଟ୍ରଫି ପ୍ରଦାନ କରିଥିଲେ।

## ଟାଟା ଷ୍ଟିଲ୍ ପକ୍ଷରୁ ଯକ୍ଷ୍ମାମୁକ୍ତ ଅଭିଯାନ




**ଯୋଡ଼ା, ୧୪।୨(ସମିସ):** ଟାଟା ଷ୍ଟିଲ ପକ୍ଷରୁ ୧୦୦ ଦିନିଆ ଯକ୍ଷ୍ମାମୁକ୍ତ ଅଭିଯାନ ନିକଟରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ଖଣ୍ଡବନ୍ଧ ପାର୍ଶ୍ୱବର୍ତ୍ତୀ ଗ୍ରାମ ବାସିନ୍ଦା ତଥା ଖଣ୍ଡବନ୍ଧ ୟୁଜିୟୁପି ସ୍କୁଲର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଟାଟା ଷ୍ଟିଲ ମୁଖ୍ୟ ଡାକ୍ତରଖାନା, ଯୋଡାର ଅଭିଜ୍ଞ ଡାକ୍ତରମାନେ ସମସ୍ତଙ୍କୁ ଯକ୍ଷ୍ମା ରୋଗ ବିଷୟରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ଟାଟା ଷ୍ଟିଲର ଅଧିକାରୀମାନେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ସହଜରେ ଆରୋଗ୍ୟ ହୋଇପାରୁଥିବା ଏହି ରୋଗକୁ ମୂଳୋତ୍ପାଟନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅଭିଯାନରେ ଯୋଡା, କଳମଙ୍ଗ, ଗନ୍ଧଲପଡା ଏବଂ ଆଖପାଖ ଅଞ୍ଚଳକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି।

## ଉପଖଣ୍ଡସ୍ତରୀୟ ପଶା ପ୍ରତିଯୋଗିତା ଉଦ୍‌ଘାଟିତ



**ରାମଚନ୍ଦ୍ରପୁର/ବେଲବାହାଲି, ୧୪।୨ (ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଭଗାନଇ ରାମନବମୀ କମିଟି ପକ୍ଷରୁ ଉପଖଣ୍ଡସ୍ତରୀୟ ପଶା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ରାମନବମୀ କମିଟିର ଆବାହକ ଧରଣୀଧର ନାହକଙ୍କ ତତ୍ତ୍ୱାବଧାନରେ ଦୀର୍ଘ ୧୫ ବର୍ଷ ଧରି ଏହି ପଶା ଟୁର୍ଣ୍ଣାମେଣ୍ଟ କାର୍ଯ୍ୟକ୍ରମ ଚାଲୁରହିଛି। ଗ୍ରାମ ସମେତ ଆଖପାଖ ଅଞ୍ଚଳରୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବରିଷ୍ଠ ଲୋକମାନେ ଏହି ପଶା ପ୍ରତିଯୋଗିତା ଦେଖିବା ପାଇଁ ଆସିଥିଲେ। ଆନନ୍ଦପୁର ଉପଖଣ୍ଡରୁ ୧୬ଟି ଟିମ ବେଲବାହାଲି, ରମ୍ପାସ, ସରେଇ, ଭଗାନଇ, ଲୁଣହାର, କେନ୍ଦୁଖଣ୍ଡା, ମହୁରୀ, ସିଆପଡ଼ା, ଫକୀରପୁର, ହସନପୁର, ଅଙ୍ଗାରୁଆ, ପଟିଲୋ, ପଞ୍ଚୁଗୋଛିଆ, ଆଦି ଗ୍ରାମର ବରିଷ୍ଠ ବ୍ୟକ୍ତି ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୧୬ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

**● ଚନ୍ଦ୍ରଶେଖର ମନ୍ଦିର ଚୋରି ମାମଲା**

## ଅଭିଯୁକ୍ତକୁ ୩ ବର୍ଷ ଜେଲ୍

**ଚମ୍ପୁଆ,୧୪।୨(ସମିସ):** ଚମ୍ପୁଆ ଏସଡିଜେଏମ୍ ଦୀପକ କୁମାର ସାଥୁଆ ଚମ୍ପୁଆ ଚନ୍ଦ୍ରଶେଖର ମହାଦେବ ମନ୍ଦିରରୁ ଚୋରି ମାମଲାରେ ଅଭିଯୁକ୍ତକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୩ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ପୁଲିସ ଅଧିକାରୀ ମନୋରଞ୍ଜନ ପ୍ରଧାନଙ୍କ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଓ ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଏହି କାରାଦଣ୍ଡ ଶୁଣାଇଛନ୍ତି। ଗତ ୨୯.୦୪.୨୦୧୯ରେ ଚମ୍ପୁଆ ଆରାଧ୍ୟ ଦେବତା ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିରରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଯାଇଥିଲା। ମନ୍ଦିର ପୂଜକ ମୃଣାଳକାନ୍ତି ନନ୍ଦଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଚମ୍ପୁଆ ରେଭେନ୍ୟୁ କଲୋନିର ରିଙ୍କୁ ନାଏକକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବେଳେ ଏହି ମାମଲାକୁ ବିଚାର କରି ଏସଡିଜେଏମ୍ ଶ୍ରୀ ସାଥୁଆ ଅଭିଯୁକ୍ତକୁ ଏହି କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ କିଶୋର କିଶାନ ମାମଲା ପରିଚାଳନା କରିଥିଲେ।

## ନାରାୟଣଚନ୍ଦ୍ର ଧଳଙ୍କ ପରଲୋକ



ସୋସୋ, ୧୪।୨(ସମିସ): ନୂଆରମ୍ପାସ ଗ୍ରାମର ଅବସରପ୍ରାପ୍ତ ଜଳସମ୍ପଦ ବିଭାଗର ନାରାୟଣଚନ୍ଦ୍ର ଧଳଙ୍କ ପରଲୋକ ହୋଇଯାଇଛି। ଗ୍ରାମର ବିଭିନ୍ନ ଅନୁଷ୍ଠାନ ଓ ମନ୍ଦିର ନିର୍ମାଣରେ ତାଙ୍କ ଭୂମିକା ଅତୁଳନୀୟ। ଜଣେ ସ୍ପଷ୍ଟବାଦୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ବଡ଼ପୁଅ ହରିହର ଧଳ ମୁଖାଗ୍ନି ଦେଇଥିଲେ। ପୁଅ ଜୀବନ ଧଳ, ଶଶିଭୂଷଣ ଧଳ, ପୁତ୍ରବଧୂ ହରପ୍ରିୟା ଧଳ, ମଞ୍ଜୁଲତା ଧଳ, ସୁନେଲି ଶ୍ୱେତପଦ୍ମା ଧଳ, ସୁଦାମ ନାୟକ, ବିଜୟ ଧଳ, ରମେଶ ଖୁଣ୍ଟିଆ, ରମେଶ ଜେନା, ରବିନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ସୋସୋ, ୧୪।୨(ସମିସ):** ଓରାଳି ଗ୍ରାମର ପ୍ରହଲ୍ଲାଦ ପ୍ରଧାନଙ୍କ ଧର୍ମପତ୍ନୀ ଧର୍ମପ୍ରାଣା ମହିଳା କନକଲତା ପ୍ରଧାନ (୭୫)ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ପ୍ରହଲ୍ଲାଦ, ଅରୁଣ, ପୁଅ ପ୍ରଦ୍ୟୁମ୍ନ, ପ୍ରସନ୍ନ, ତପସ୍ୱିନୀ, ଉର୍ମିଳା, ଶ୍ୱେତପ୍ରଭା, ଶଶିରେଖା, ଶ୍ରଦ୍ଧାଞ୍ଜଳି, ଅବିନାଶ, ଶୁଭ୍ରଜିତ, ସଂଘମିତ୍ରା ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଜିଲ୍ଲା ପରିଷଦ ସଦସ୍ୟା କୌଶଲ୍ୟା ସେଠୀ, ସରପଞ୍ଚ ହରିଶ୍ଚନ୍ଦ୍ର ଜେନା, ସମିତିସଭ୍ୟ ଦେବବ୍ରତ ବେହେରା, ସମାଜସେବୀ ଟୁଟୁ ଦକ୍ଷିଣରାୟ, ବୁବୁ ପଟ୍ଟନାୟକ, ପ୍ରତାପ ଜେନା, ରମେଶ ନାୟକ, ଆନନ୍ଦ ନାୟକ, ପୂର୍ବତନ ଏବିଓ ବିନୋଦ ରାଉତ, ରମେଶ ବାରିକ, ପ୍ରଶାନ୍ତ ରାଉତ, କାଦ ପରିଡା, ଟିଲା ରାଉତ, ପ୍ରମୋଦ ଓଝା, ନିରୋଦ ଓଝା ମରଶରୀର ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗ୍ରାମ ପରିକ୍ରମା କରାଇ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ବିପଦସଙ୍କୁଳ ବିଦ୍ୟୁତ୍ ଟ୍ରାନ୍ସଫର୍ମର



**ହାଟଡ଼ିହୀ,୧୪।୨(ସମିସ):** ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ଆମ୍ବୋ ଗ୍ରାମର ପଞ୍ଚାୟତ କାର୍ଯ୍ୟାଳୟ ଓ ହାଇସ୍କୁଲ ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ରାସ୍ତାଦେଇ ସ୍କୁଲ ଛାତ୍ରଛାତ୍ରୀ, ଗ୍ରାମର ବୟସ୍କ ବ୍ୟକ୍ତି, ଗୋରୁଗାଈଙ୍କ ପାଇଁ ବିପଦ ସାଜିଛି। ଟ୍ରାନ୍ସଫର୍ମର ଚାରି ପାଖରେ ସୁରକ୍ଷା ପାଚେରି ଅଥବା ତାର ବାଡ଼ ବୁଲାଇବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଉକ୍ତ ସାହିକୁ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ବସାଯାଇଛି। ଏହି ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ଖୋଲାରେ ପଡିରହିଥିବାରୁ ଏବେ ସମ୍ପୂର୍ଣ୍ଣ ବିପଦଜ୍ଜନକ ହୋଇପଡ଼ିଛି। ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଯଥାଶୀଘ୍ର ଏହାର ଲୋକଙ୍କ ସୁରକ୍ଷା ବ୍ୟବସ୍ଥା କରାଇବାକୁ ଦାବି ହୋଇଛି।

## ଗ୍ରାମସଭାକୁ ନେଇ ଫେରାଦହେଲେ ଗୋହିରା ଗ୍ରାମବାସୀ

**ଆନନ୍ଦପୁର, ୧୪।୨(ସମିସ):** ଘସିପୁରା ବ୍ଲକ ଗୋହିରା ପଞ୍ଚାୟତ କାର୍ଯ୍ୟାଳୟରେ ଆଜି ହେବାକୁ ଥିବା ଗ୍ରାମସଭାର ଅନିୟମିତତା ନେଇ କେତେକ ଗ୍ରାମବାସୀ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଫେରାଦ ହୋଇ ଅଭିଯୋଗ କରିଥିବା ଜଣାଯାଇଛି। ଯଥେଷ୍ଟ ପୂର୍ବରୁ ପ୍ରଚାର ପ୍ରସାର ଓ ସୂଚନା ଦେବା ପରିବର୍ତ୍ତେ ଚଞ୍ଚକତା କରି ଗ୍ରାମସଭାର ଆୟୋଜନ କରାଯାଇଥିଲା। ଖବର ପାଇ କେତେକ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ଏହାର ପ୍ରତିବାଦ କରିଥିଲେ। ଦାୟିତ୍ୱରେ ଥିବା କର୍ମଚାରୀମାନେ ଅଭିଯୋଗକୁ ଏଡାଇ ଦେଇଥିଲେ। ପ୍ରତିବାଦ ପରେ ଆଜି ମଧ୍ୟାହ୍ନ ସମୟରେ କେତେକ ଗ୍ରାମରେ ନୋଟିସ୍ ମରାଯାଉଥିବା ବେଳେ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରି କେତେକ ସ୍ଥାନରେ ନୋଟିସକୁ ଚିରିଦେଇଥିବା ଆଲୋଚନାରୁ ଜଣାଯାଇଛି। ଘଟଣାର ତଦନ୍ତ କରି ନିୟମ ଅନୁଯାୟୀ ବିଧିବଦ୍ଧ ଭାବେ ଗ୍ରାମସଭା କରିବାକୁ ଗ୍ରାମବାସୀ ଦାବି କରିଥିବା ଜଣାଯାଇଛି।



## ମା’ ବାରମାସୀ କପ୍ କ୍ରିକେଟ୍ ଉଦ୍‌ଘାଟିତ



**ଆନନ୍ଦପୁର, ୧୪।୨(ସମିସ)**

ପଥରପଦାଠାରେ ମା’ ବାରମାସୀ କପ୍ କ୍ରିକେଟ୍ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଯାଜପୁରର ଆଦମପୁର ସହିତ ରାଛିପୁର ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଆଦମପୁର କ୍ରିକେଟ୍ କ୍ଲବ ପ୍ରଥମେ ଟସ୍ ଜିଣି ନିର୍ଦ୍ଧାରିତ ୧୬ ଓଭରରେ ୮ ଉଇକେଟ୍ ହରାଇ ୧୬୭ ରନ୍ କରିଥିଲା। ଜବାବରେ ରାଛିପୁର ଦଳ ୧୫ ଓଭରରେ ୭ ଉଇକେଟ୍ ହରାଇ ୧୭୧ ରନ୍ କରି ବିଜୟୀ ହୋଇଥିଲେ। ଖେଳକୁ ଅମ୍ପାୟାର ବୈଲୋଚନ ସ୍ୱାଇଁ, ପିକନ ଚକ୍ର ପରିଚାଳନା କରିଥିଲେ। ସ୍କୋରର ଥିଲେ ରମାକାନ୍ତ ସାହୁ, ଚିନ୍ମୟ ନାୟକ। ପବିତ୍ର ସ୍ୱାଇଁ ଓ ସୁଶାନ୍ତ ଚକ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ ମାଝୀ, ବ୍ୟାଙ୍କ ମ୍ୟାନେଜର ହରିହର ମଲ୍ଲିକ, ସମାଜସେବୀ ରସାନନ୍ଦ ମିଶ୍ର ଓ କ୍ରିଡାବିତ ବୁଲୁ ପଟ୍ଟନାୟକ ଯୋଗ ଦେଇଥିଲେ। ଆୟୋଜକ କମିଟିର ସମସ୍ତ କର୍ମକର୍ତ୍ତା ଖେଳରେ ସହଯୋଗ କରିଥିଲେ।

**ରାଜ୍ୟସ୍ତରୀୟ କୁଶ ପଟ୍ଟନାୟକ ଫୁଟ୍‌ବଲ ପ୍ରତିଯୋଗିତା**

## ଭୁବନେଶ୍ୱରକୁ ହରାଇଲା ବାରିପଦା

**ଆନନ୍ଦପୁର, ୧୪।୨(ସମିସ)**




ଆନନ୍ଦପୁର ଷ୍ଟାଡିୟମ ପଡିଆରେ ଚାଲିଥିବା ପଞ୍ଚମ ରାଜ୍ୟସ୍ତରୀୟ କୁଶରଞ୍ଜନ ପଟ୍ଟନାୟକ ମେମୋରିଆଲ ଫୁଟବଲ ମ୍ୟାଚର ପଞ୍ଚମ ଦିନର ପ୍ରଥମ ସେମି ଫାଇନାଲ୍ ମ୍ୟାଚରେ ଭୁବନେଶ୍ୱର ଜଗା ୟୁନାଇଟେଡ୍ ଫୁଟବଲ ଏକାଡେମୀକୁ ୪-୩ ଗୋଲରେ ହରାଇ ଶିମିଳିପାଳ ଫୁଟବଲ କ୍ଲବ ବାରିପଦା ବିଜୟୀ ହୋଇଛି। ଶେଷାର୍ଦ୍ଧ ପର୍ଯ୍ୟନ୍ତ ଖେଳ ଅମୀମାଂସିତ ରହିବାରୁ ଟ୍ରାଇବ୍ରେକର ପଦ୍ଧତି ଗ୍ରହଣ କରାଯାଇଥିଲା। ଆନନ୍ଦପୁର କ୍ରୀଡା ସଂସଦ ଆନୁକୂଲ୍ୟରେ ପଟ୍ଟନାୟକ ବ୍ରଦର୍ସ ପ୍ରଯୋଜିତ ଏହି ମ୍ୟାଚରେ ଆନନ୍ଦପୁର ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ଉପଜିଲ୍ଲାପାଳ ଫାଲଗୁନୀ ମାଝୀ, ବିଡିଓ ବିନୀତା ବିଜୟିନୀ, ଆନନ୍ଦପୁର ଥାନାଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ଅତିଥି ଭାବେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ସଂସଦର ସଂପାଦକ ନବରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମ୍ୟାଚକୁ ରେଫରୀ ପରିଚାଳନା କରିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ବିଚାରକ ଭାବେ ବିନୋଦ ବିହାରୀ ମିଶ୍ର ଓ ଗଗନ ସିଂ ଦାୟିତ୍ୱ ନିର୍ବାହ କରିଥିଲେ। କ୍ରୀଡା ସଂସଦର କର୍ମକର୍ତ୍ତା ମନରଂଜନ ପଟ୍ଟନାୟକ, ମୁରଲୀଧର ମିଶ୍ର, ଅକ୍ଷୟ ମହାନ୍ତି, ରମେଶ ସିଂ, ଦେବବ୍ରତ କରନ, ବସନ୍ତ ସାହୁ, ମାର୍କଣ୍ଡ ସାମଲ, ଅଶୋକ ରାଉଳ, ଅଖିଳ ପଟ୍ଟନାୟକ, ଲୋକନାଥ ସିଂ, ବୁଲୁ ପଟ୍ଟନାୟକ, ମନରଂଜନ ସିଂ, ସୁଦର୍ଶନ ରଣା, ଦେବେନ୍ଦ୍ର ମିଶ୍ର, ପ୍ରସନ୍ନ ସିଂ, ପ୍ରଦୀପ ହଜାରୀ, ଜ୍ୟୋତିରଂଜନ ଜେନା, ଗୋପରଂଜନ ପାଣି, ଲୁଲୁ ଚାନ୍ଦ, ବାଇଧର ସେଠୀ, ଅଜୟ କୁମାର ସେଠୀ ସହଯୋଗ କରିଥିଲେ।

## ଆଜି ମା' ହିଙ୍ଗୁଳାଙ୍କ ବଡ଼ପୂଜା; ଲକ୍ଷାଧିକ ଭକ୍ତଙ୍କ ସମାଗମ ଆଶଙ୍କା

# ଶାଳପତ୍ର ଠୋଲାରେ ନୈବେଦ୍ୟ ସମର୍ପଣ କରିବେ ଭକ୍ତ



ବଡସାହି, ୧୪।୨(ସମିସ): ବଡସାହି ବ୍ଲକ ସୁହାଗପୁର କଉଡିଖଣି ଶାଳ ଜଙ୍ଗଲରେ ପୂଜା ପାଆନ୍ତି ଉତ୍ତର ଓଡ଼ିଶାର ପ୍ରତ୍ୟକ୍ଷ ଦେବୀ ମା' ହିଙ୍ଗୁଳା। ଶନିବାର ମା'ଙ୍କ ବଡପୂଜା ମହାଆଡମ୍ବରରେ ପାଳନ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ। ଗତ ୧୨ ତାରିଖରୁ ଅଧିବାସ, ୧୩ରେ ଘଟ ଉତ୍ତୋଳନ ହୋଇ ଯଜ୍ଞ ଓ ମା'ଙ୍କ ବହୁବିଧ ପୂଜା ବିଧି ଆରମ୍ଭ ହୋଇଛି। ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ମେଳାରେ ଦୁଇ ହଜାର ଦୋକାନୀ ସେମାନଙ୍କ ପସରା ମେଲାଇଛନ୍ତି। ମା'ଙ୍କ ବଡପୂଜାରେ ୭ ଲକ୍ଷାଧିକ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଶାନ୍ତିଶୃଙ୍ଖଳା ଓ ଭକ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପାନୀୟ ଜଳ, ପରିମଳ, ଆଲୋକ, ସ୍ୱାସ୍ଥ୍ୟ, ବାଳପକା ମଣ୍ଡପ, ଯଜ୍ଞମଣ୍ଡପ, ଯଜ୍ଞକୁଣ୍ଡ, ଶୌଚାଳୟ, ଗାଡି ଓ ସାଇକଲ ଷ୍ଟାଣ୍ଡ, ଜୋତା ଷ୍ଟାଣ୍ଡ ଏବଂ ଜରୁରୀକାଳୀନ ସେବା ଆଦି ବ୍ୟବସ୍ଥା କରାଯାଇଛି। ଭିଡକୁ ଦୃଷ୍ଟିରେ ରଖି ସୂଚନା କେନ୍ଦ୍ର ଓ ସ୍ୱେଚ୍ଛାସେବୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପୁଲିସ ପକ୍ଷରୁ ମଧ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବେତନଟୀ ଏସଡିପିଓ ମମତା ସାହୁ ଓ ଭାରପ୍ରାପ୍ତ ବଡସାହି ଥାନାଧିକାରୀ ସତ୍ୟନାରାୟଣ କାଳ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ପରିଚାଳନା କରୁଛନ୍ତି। ସେହିପରି ଏକ ଅସ୍ଥାୟୀ କଣ୍ଟ୍ରୋଲ ରୁମ ସହିତ ଅଭିଜ୍ଞ ଅଫିସରଙ୍କ ସହିତ କିଛି ସାଦା ପୋଷାକଧାରୀ ପୁଲିସକୁ ମଧ୍ୟ ମୁତୟନ କରାଯାଇଛି। ମା'ଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ଼ ସହିତ ୱାଚ ଟାୱାର ଓ ସିସି ଟିଭିର ମଧ ବ୍ୟବସ୍ଥା କରାଯାଇଛି। ଆମ୍ବୁଲାନ୍ସ, ଦମକଳଗାଡି, ପୁଲିସ, ବନବିଭାଗ ଓ ଭିଭିଆଇପି ଗାଡି ବ୍ୟତୀତ ଅନ୍ୟ

**ମେଳାରେ ଥର୍ମୋକୁଲ ଦନା, ପଲିଥିନ୍ ନିଷିଦ୍ଧ**

ଯାନବାହାନ ଚଳାଚଳକୁ ନିଷିଦ୍ଧ କରାଯାଇଛି। ବଡସାହି ପଟୁ ଆସୁଥିବା ଗାଡି ଗୁଡିକ ସୁହାଗପୁର ପଡ଼ିଆ, ଉଦଳା ପଟୁ ଆସୁଥିବା ଗାଡିଗୁଡିକ ମାଙ୍କଡକେନ୍ଦା ପଡ଼ିଆ ଓ ଖୁଣ୍ଟା ପଟୁ ଆସୁଥିବା ଗାଡି ଗୁଡିକ ପାଳସା ପଡ଼ିଆ ଏବଂ ଦେଉଳିଆ, କୁଆମରା ପଟୁ ଆସୁଥିବା ଗାଡି ଗୁଡିକ ଚାନ୍ଦଡିହା ବାସ୍ତନ୍ତୀ ପଡ଼ିଆରେ ପାର୍କିଂ ହେବ। ଭକ୍ତମାନେ ପଲିଥିନ ପରିବର୍ତ୍ତେ ଶାଳପତ୍ର ଠୋଲାରେ ପୂଜା ସାମଗ୍ରୀ ଓ ନୈବେଦ୍ୟ ସମର୍ପଣ କରିବାକୁ ଟ୍ରଷ୍ଟି ସୁନୀଲ କୁମାର ଦାଶ ନିବେଦନ କରିଛନ୍ତି। ମେଳାରେ ମଧ ପଲିଥିନ, ଥର୍ମୋକୋଲ ଖଲିଦନା, ଗ୍ଲାସ ଓ ଚା' କପ୍ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ସେହିପରି ମନ୍ଦିର ଦେବନୀତି ପ୍ରବନ୍ଧକ ଡା ସନତ କୁମାର ଦାଶଙ୍କ ସୂଚନା ଅନୁସାରେ ୧୧ତାରିଖରେ ପୂଜକମାନେ ମା'ଙ୍କ ବିଶାଳ ଅଗ୍ନିକୁଣ୍ଡ ମାର୍ଜନା ପରେ ଭକ୍ତମାନେ ବୁଧୁବାର ପୂର୍ଣ୍ଣମୀଠାରୁ ନୈବେଦ୍ୟ ସମର୍ପଣ କରୁଛନ୍ତି। ବୁଧୁବାର ଅଗ୍ନିସ୍ରୋବ ପୂର୍ଣ୍ଣିମା ସନ୍ଧ୍ୟା ଠାରୁ ଅଧିବାସ, ଅଙ୍କୁରାରୋପଣ ହୋଇ ଗୁରୁବାର ଓ ଶୁକ୍ରବାର ମା'ଙ୍କ ଅଭିଷେକ, ଷୋଡଶୋପଚାର ପୂଜା, ଚଣ୍ଡୀପାଠ ସହିତ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଶନିବାର ବଡପୂଜା ଦିନ ପ୍ରତ୍ୟୁଷ ୪ଟା ୪୫ ମିନିଟରେ ମଙ୍ଗଳ ଆଳତୀ, ୫ଟା ୧୫ରେ ମହାସ୍ନାନ ଓ ୬ଟାରେ ବେଶ ଓ ସୂର୍ଯ୍ୟପୂଜା ଅନୁଷ୍ଠିତ ହେବ। ପରେ ୭ ଘଟିକା ପାଖରୁ ସର୍ବସାଧାରଣ ଦର୍ଶନ, ଷୋଡଶ ଉପଚାର ପୂଜା, ଯଜ୍ଞ, ଚଣ୍ଡିପାଠ ଆରମ୍ଭ ହୋଇ ଦିନ ତମାମ ଚାଲିବାକୁ ଥିବା ବେଳେ ଅପରାହ୍ନ ୪ଟା ୧୫ମିନିଟରେ ମା'ଙ୍କ ଚଳନ୍ତି ବିଗ୍ରହ ପାର୍ଶ୍ୱ ଦେବାଦେବୀଙ୍କ ସହିତ ଯଜ୍ଞକୁଣ୍ଡକୁ ବିଜେ କରିବା ପରେ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ କରାଯାଇ ପୂର୍ଣ୍ଣାହୂତି ଦିଆଯାଏ।

## ବେଆଇନ ବାଲି ଟ୍ରାକ୍ଟର ଜବତ

ବଡ଼ସାହି, ୧୪।୨ (ସମିସ): ବଡ଼ସାହି ଥାନା ଅଧୀନ କୋଚିଲାଖୁଣ୍ଟା ବଡାମ ରାସ୍ତାରେ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ବଡ଼ସାହି ପୋଲିସ ଜବତ କରି ଥାନାକୁ ଆଣି ତଦନ୍ତ ଜାରି ରଖିଛି, ଡ୍ରାଇଭର ଧାନପୋତା ଗ୍ରାମର ଡାକ୍ତର ମାଝୀ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ପୁଲିସ ଏକ ମାମଲା ରୁଜୁ କରି ତାଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

## ମଙ୍ଗଳପୁରରେ ଦିଶୁମ ମାଗେ ପରବ



ବଡସାହି, ୧୪।୨(ସମିସ): ବଡସାହି ବ୍ଲକ ଭୀମଦା ପଞ୍ଚାୟତ ମଙ୍ଗଳପୁର ଗ୍ରାମରେ 'ଦିଶୁମ ମାଗେ ପରବ' ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ଦେଶା ଉଲିଙ୍କ ପୂଜା ପୀଠରେ ଆଦିବାସୀ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱନାଥ ପୂର୍ତ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଗଦାଧର ସାଣ୍ଡି ଉପସ୍ଥିତ ରହି ପରବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ୱର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ନଗେନ କୁମାର ମୁଦୁୟା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ମଳୟ କୁମାର ହେମ୍ବ୍ରମ୍, ବାପି ସିଂ ସୁରିନ, ଗଣେଶ୍ୱର ଗଏପାୟୀ, ମନୋହରୀ ହେମ୍ବ୍ରମ୍, ବଳରାମ ସାଣ୍ଡି, ସିତାରାମ ସାଣ୍ଡି, ଶୁକ୍ରା ସାଣ୍ଡି ଓ ଶୁକଦେବ ଅଂମ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଜାହିରା ପୀଠର ଦେହୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କଳାକାର ପରିବାର ପକ୍ଷରୁ ଉତ୍ତମ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା



ବାରିପଦା, ୧୪।୨(ସମିସ): ବାରିପଦା କଳାକାର ପକ୍ଷରୁ ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟ ପରିସରରେ ଉପସ୍ଥିତ ରହି ଓଡ଼ିଆ ଚଳଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରାଯାଇଥିଲା। ପରେ ଭଞ୍ଜ ମାଟିର ଅନ୍ୟତମ ବରପୁତ୍ର ତଥା ଓଡ଼ିଆ ସିନେମା ଜଗତର ଗୀତିକାର ସ୍ୱର୍ଗତ ସଂଗ୍ରାମ ମହାନ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା ପୂର୍ବକ ସ୍ମୃତିଚରଣ କରିଥିଲେ। ସଭାରେ ତାଙ୍କ ଝିଅ ବର୍ଣ୍ଣରୂପା ମହାନ୍ତି ଓ ଜ୍ୱାଇଁ ଲଡୁକେଶ୍ୱର ରଣାଙ୍କ ସମେତ କଳାକାର ପରିବାରର ସଭାପତି ଧୀର ବସା, ସଦସ୍ୟ ଅନ୍ନଦା ଶଙ୍କର ଦାଶ, ପ୍ରସନ୍ନ କୁମାର ମହାନ୍ତି, ଜ୍ଞାନରଞ୍ଜନ ପଣ୍ଡା, ଉମେଶ ସାହୁ, ଅଶୋକ କୁମାର ପଟ୍ଟନାୟକ, ପ୍ରୟାସ ଶତପଥୀ, ଫାଲଗୁନୀ ମହାନ୍ତି, ସତ୍ୟନାରାୟଣ ଦାସ, କୁନ୍ଦନଲାଲ ଭଞ୍ଜଦେଓ, ରଣଜିତ ସାହୁ, ସୋମନାଥ ସିଂହ, ଶାନ୍ତନୁ ସିଂହ, ଲିଟନ ପଟ୍ଟନାୟକ, ତପସ୍ୱିନୀ ଦାଶ ଓ ଡଃ ସ୍ନେହଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଷୋହଳ ପ୍ରହର ନାମସଂକୀର୍ତ୍ତନ ଉଦ୍‌ଯାପିତ

ବେତନଟୀ, ୧୪।୨ (ସମିସ): ବେତନଟୀ ଉପକଣ୍ଠ ପଣ୍ଡୁଗଡ଼ିଆ ଗ୍ରାମରେ ୪ ଦିନ ଧରି ଚାଲିଥିବା ଷୋହଳ ପ୍ରହରୀ ନାମଯଜ୍ଞ ସଂକୀର୍ତ୍ତନ ଉଦ୍‌ଯାପିତ ହୋଇଯାଇଛି। ଗତ ୧୦ ତାରିଖରୁ ଆରମ୍ଭ ହୋଇ ୧୩ ତାରିଖରେ ଉଦ୍‌ଯାପିତ ହୋଇଛି। ଏହି ନାମଯଜ୍ଞରେ ୫ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଖାଦାନରୁ ୨ଟି ଜେସିବି ଓ ଡମ୍ଫର ଜବତ

କପ୍ତିପଦା, ୧୪।୨(ସମିସ): ତହସିଲ, ବନ ବିଭାଗ ଏବଂ ପୁଲିସ ମିଳିତଭାବେ ଗତକାଲି ଶାରୀଶୁଆ ବେଆଇନ ପଥର ଖାଦାନ ଉପରେ ଚଢ଼ଉ କରିଛି। ଖାଦାନରେ ବେଆଇନ ପଥର ବ୍ଲାଷ୍ଟିଂ ସହିତ ପଥର ଚୋରା ଚାଲାଣ ହେ ଉଥିବା ବେଳେ ଅଧିକାରୀଙ୍କୁ ଦେଖି ମାଫିଆ ଚମ୍ପଟ ମାରିଥିବା ବେଳେ ଦୁଇଟି ପଥର ବୋଝେଇ ଡମ୍ଫର ଏବଂ ଦୁଇଟି ଜେସିବି ଜବତ କରିଛି ପ୍ରଶାସନ। ଦୁଇ ମାସ ପୂର୍ବରୁ ଡିସେମ୍ବର ୪ରେ ଚଢ଼ଉ କରି ଗୋଟିଏ ଜେସିବି ଏବଂ ୬ ଗୋଟି ଡମ୍ଫର ଜବତ କରାଯାଇଥିଲା।

## ସମନ୍ୱିତ ବିକାଶ କାର୍ଯ୍ୟ ଯୋଜନା ସଂକ୍ରାନ୍ତ କର୍ମଶାଳା

ବାରିପଦା, ୧୪।୨(ସମିସ): ଗୁରୁବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓମ୍ଫାଡସି ଆନୁକୂଲ୍ୟରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧକ୍ଷତାରେ ସମନ୍ୱିତ ବିକାଶ କାର୍ଯ୍ୟ ଯୋଜନା (ଇଣ୍ଟିଗ୍ରେଟେଡ଼ ଡେଭେଲପମେଣ୍ଟ ଆକ୍ସନ ପ୍ଲାନ) ସମ୍ବନ୍ଧୀୟ ଏକ କର୍ମଶାଳା



ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ପ୍ରଭାତ କୁମାର ବେହେରା, ଏପିଡି ଶାନ୍ତନୁ କୁମାର ନାୟକ, ଭୁବନେଶ୍ୱର ଓମ୍ଫାଡସିର ଦକ୍ଷତା ବିଶେଷଜ୍ଞ ଆଦିତ୍ୟ ମୋହନ ପ୍ରଧାନ, ଜୀବିକା ବିଶେଷଜ୍ଞ ଶ୍ରୀ ଜଗନ୍ନାଥ ମିଶ୍ର ଓ ମୟୂରଭଞ୍ଜ ଓମ୍ଫାଡସି ସେଲର ଟିମ ଲିଡର ନିହାରକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ୱାଗତ ଜଣାଇଥିଲେ। ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ବ୍ୟତୀତ ଗୋଟିଏ ଅଞ୍ଚଳର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ଯେଉଁ ଯୋଜନା ଗୁଡିକ ସରକାରୀ ଅନୁଦାନରେ କାର୍ଯ୍ୟକାରୀ ହୋଇପାରୁନାହିଁ ସେ କ୍ଷେତ୍ରରେ ଓମ୍ଫାଡସି ଦ୍ୱାରା ମଞ୍ଜୁର ଅର୍ଥରୁ ଏହି ଯୋଜନାଗୁଡିକୁ ମାର୍ଗଦର୍ଶିକା ଅନୁଯାୟୀ କରାଯାଇଥାଏ। ମାତ୍ର ଏହି କାର୍ଯ୍ୟଦ୍ୱାରା ଦୀର୍ଘସ୍ଥାୟୀ ଭାବେ ଲୋକଙ୍କ ଜୀବିକାର ଉପରେ କେତେ ମାତ୍ରାରେ ପ୍ରଭାବ ରହିବ ଏବଂ ସେମାନଙ୍କର ଆର୍ଥିକ ଉନ୍ନତି ହେବ ସେ ବିଷୟକୁ ପ୍ରାଥମିକତା ଦେଇ ଯୋଜନା ପ୍ରସ୍ତୁତ କରିବା ଉଚିତ ବୋଲି ଜିଲ୍ଲାପାଳ କହିଥିଲେ। ତେଣୁ ବିଭିନ୍ନ ବିଭାଗର ସମନ୍ୱୟରେ ସମନ୍ୱିତ କାର୍ଯ୍ୟ ଯୋଜନା (ଇଣ୍ଟିଗ୍ରେଟେଡ଼ ଡେଭେଲପମେଣ୍ଟ ଆକ୍ସନ ପ୍ଲାନ) ପ୍ରସ୍ତୁତ କରି ବ୍ୟବସ୍ଥିତ ଭାବେ ଅର୍ଥ ବିନିଯୋଗ କଲେ ଯୋଜନା ଗୁଡିକ ଉତ୍ତମ ଭାବେ କାର୍ଯ୍ୟକାରି ହୋଇପାରିବ।

## ନଳକୂପ ମିସ୍ତ୍ରି ଓ ପମ୍ପ୍ ଚାଳକଙ୍କୁ କୁଶଳୀ କାରିଗର ମାନ୍ୟତା ଦାବି

ଜାମଦା, ୧୪।୨(ସମିସ): ନଳକୂପ ମିସ୍ତ୍ରି ଓ ପମ୍ପ ଚାଳକ କୁଶଳୀ କାରିଗରର ମାନ୍ୟତା ସହ ପ୍ରାପ୍ୟ ବୃଦ୍ଧି ପାଇଁ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଏହି କାରିଗରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୈନିକ ୮ ରୁ ୧୦ ଘଣ୍ଟା କାମ କରୁଥିଲେ ମଧ ଉଚିତ ପ୍ରାପ୍ୟ ମିଳୁନାହିଁ। ଏଥିସହ ଏହି କାରିଗରଙ୍କୁ ବିଭିନ୍ନ ପ୍ରକାର ତାଲିମ ଦେଇ ସରକାର ଦୈନିକ ୧୦୮ ଟଙ୍କା ୩୩ ପଇସା ଦେଇ ଆସୁଛନ୍ତି। ବର୍ତ୍ତମାନ ସମୟରେ ଦରଦାମ ବୃଦ୍ଧି ଯୋଗୁଁ ଦୈନିକ ୧୦୮ ଟଙ୍କା ୩୩ ପଇସାରେ ଚାଲିବା ସମ୍ଭବ ନୁହେଁ। ତେଣୁ ପ୍ରାପ୍ୟ ବୃଦ୍ଧି କରିବାକୁ ମଧ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଧାରଣା ଦେବେ ବୋଲି ନଳକୂପ ମିସ୍ତ୍ରି ଓ ପମ୍ପ ଚାଳକ ସଂଘ ଚେତାବନୀ ଦେଇଛି। ମଙ୍ଗଳ ସର୍ଦ୍ଦାର, ପିରୁ ଟୁଡୁ, ନରସିଂହ ହେମ୍ବ୍ରମ, ସଞ୍ଜୀବ ମଣ୍ଡଳ, ଜିତରାୟ ମୁର୍ମୁ, ଠାକୁର ମୁର୍ମୁ, ବିଖନ୍ ଚରଣ ପାତ୍ର ପ୍ରମୁଖ ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ।

## ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବଡ଼ଡାଳିମା, ୧୪।୨(ସମିସ): ତିରିଙ୍ଗ ବ୍ଲକ ଅନ୍ତର୍ଗତ ଜଂଘିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ତଥା ଏବିଓ ଶୁଭେନ୍ଦୁ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏବିଓ ହେମନ୍ତ କୁମାର ମହାନ୍ତି, ଏବିଓ ମକର ମୁର୍ମୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା କବି ଅଶୋକ ଚକ୍ର ସାହୁ, ଜଂଘିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମମତା ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ବସା, ଲେଖକ ସୁବ୍ରତକୁମାର ସାହୁ, ସିଆରସିସି ଅଜିତ ପାହାଡି, ଏସଏମସି ସଦସ୍ୟ ବୈଦ୍ୟନାଥ ସାହୁ, ୱାର୍ଡମେମ୍ବର ଘାସିରାମ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଦୁଇ ଜଣ ଅବସରପ୍ରାପ୍ତ ଶିକ୍ଷକ ଅଶୋକ ଚକ୍ର ସାହୁଙ୍କୁ ଶିକ୍ଷକ ପ୍ରତିଭା ସମ୍ମାନ ୨୦୨୫, ଶିକ୍ଷକ ରବିଚନ୍ଦ୍ର ବିହାରୀଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା।

**ରାଇରଙ୍ଗପୁର:** ଜାମଦା ବ୍ଲକ ହରିଲାବେଡ଼ା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବାବୁଲୁ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସଭାପତି ଭବତସ୍ୟ ଦାସ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ରାଇରଙ୍ଗପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଯୋଗରଞ୍ଜନ ନାୟକ, ଏବିଇଓ ପ୍ରତାପ



ନାୟକ, ମୁଖ୍ୟବକ୍ତା ରାଇରଙ୍ଗପୁର ଆଇଟିଡ଼ିଏର ଅତିରିକ୍ତ ଜିଲ୍ଲାମଙ୍ଗଳ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ, ସମ୍ମାନିତ ଅତିଥି ଜାମଦା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭାଶିଷ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସୁରେନ୍ଦ୍ରନାଥ କଣ୍ଡାଙ୍କେଲ୍ ଧନ୍ୟବାଦ ଦେଇଥିଲେ।

**ବୈଶିଙ୍ଗା :** ବୈଶିଙ୍ଗା ଥାନା ଅନ୍ତର୍ଗତ ଖଣ୍ଡଦେଉଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠାର ୬୦ ବର୍ଷ ଅତିକ୍ରମ କରିଛି। ଏଥିନିମନ୍ତେ ବିଦ୍ୟାଳୟର ବାର୍ଷିକ ଉତ୍ସବ ସଭାପତି ତପନ କୁମାର ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବେତନଟୀ ବିଇଓ ବିପ୍ଳବ କର ଓ ଏବିଇଓ ଗୋପାଳ ଚନ୍ଦ୍ର ସେନାପତି



ଏବଂ ମୁଖ୍ୟବକ୍ତା ରୂପେ ପୂର୍ବତନ ବିଆରସିସି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ, ସମ୍ମାନିତ ଅତିଥିଭାବେ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନାଦି ଚରଣ ସିଂହ, ସନାତନ ସିଂ, ଶଚିନ୍ଦ୍ର ସିଂହ, ସିଆରସିସି ଦେବାଶିଷ ସାହୁ, ସମିତି ସଭ୍ୟା ମମତା ଗୋଛାୟତ, ୱାର୍ଡ ମେମ୍ବର ରୂପମଣି ପରିଡ଼ା, କଟି ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

କରଞ୍ଜିଆ, ୧୪।୨(ସମିସ): ପାଞ୍ଚପିଡ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମହିଳାଙ୍କ ପାଇଁ ଏକ ଆଇନ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ପାଞ୍ଚପିଡ଼ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ସିଡିପିଓ ମଞ୍ଜୁଳା ବେହେରା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ କରଞ୍ଜିଆ ଓକିଲ ସଙ୍ଘ ସମ୍ପାଦକ ଦିବ୍ୟପ୍ରସାଦ ସାହୁ ଯୋଗଦେଇ



ଲିଙ୍ଗଗତ ନିର୍ଯ୍ୟାତନା ଓ ମହିଳାଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ଉପରେ ଥିବା ଅଧିକାରର ସମସ୍ତ ଧାରା ଉପରେ ଆଲୋଚନା କରିଥିଲେ। ପାଞ୍ଚପିଡ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ପୃଷ୍ଟି ଶିଶୁ ସୁରକ୍ଷା, ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ରୋକିବା ଉପରେ ଆଲୋକପାତ କରିଥିଲେ। ରିସୋର୍ସ ପର୍ସନ ଭାବେ ରୁବିରାଣୀ ରାୟ, ଶୁଭଶ୍ରୀ ଶୁଭ ସ୍ମିତା କିସ୍କୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କରଞ୍ଜିଆ ବ୍ଲକ ଅଧକ୍ଷ ସୁଭଦ୍ରା ମାରାଣ୍ଡି, ଉପାଧକ୍ଷ ଛତିଶ ଚନ୍ଦ୍ର ମହାନ୍ତ ମଧ ଉପସ୍ଥିତ ଥିଲେ।

## ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ



ବଡସାହି, ୧୪।୨(ସମିସ): ବଡସାହି ବିଧାୟକ ସନାତନ ବିଜୁଳି ବିଭିନ୍ନ ପଞ୍ଚାୟତ ଗସ୍ତ କରି ଶିଳାନ୍ୟାସ ଓ ଉଦଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ ସୁହାଗପୁର ପଞ୍ଚାୟତ ମହାସଂଘ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବା ବେଳେ ବଡସାହି ପଞ୍ଚାୟତ ସମିତି ପରିସରରେ ଗୋଷ୍ଠୀ ସମ୍ବଳ କେନ୍ଦ୍ର ଓ ବଳଭଦ୍ରପୁର ପଞ୍ଚାୟତ ଛେଳିଆ(ବି) ଗ୍ରାମରେ ନିର୍ମାଣ ହୋଇଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଉଦଘାଟନ କରିଥିଲେ। ପରେ ସେ ବିରେଶ୍ୱରପୁର ପଞ୍ଚାୟତ ଗସ୍ତ କରି ସେଠାରେ 'ସାଇ ଆଶୀର୍ବାଦ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ'ର ମହିଳାଙ୍କ ଦ୍ୱାରା କରାଯାଇଥିବା ଛତୁ ଚାଷ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ।

# ପ୍ରି-ପେଡ୍ ସ୍ମାର୍ଟ ମିଟର ବନ୍ଦ ଦାବିକଲା ଭଞ୍ଜସେନା

ଜାମଦା, ୧୪।୨(ସମିସ): ଟାଟା ପାୱାରର ପ୍ରି-ପେଡ ସ୍ମାର୍ଟ ମିଟର ଲଗାଇବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ସହ ୮ ଦଫା ଦାବି ନେଇ ଭଞ୍ଜସେନା ପକ୍ଷରୁ ତିରିଂ ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଟାଟା ପାୱାରର ପ୍ରିପେଡ ସ୍ମାର୍ଟ ମିଟର ଲଗାଇବା ସମ୍ପୂର୍ଣ୍ଣ ବନ୍ଦ କରିବା, ପ୍ରସ୍ତାବିତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ବାତିଲ ସହ ଗ୍ରୀଷ୍ମ ଦିନର ଆଗରୁ ଲୋ- ଭୋଲଟେଜ ଓ ଅଘୋଷିତ ବିଦ୍ୟୁତ କାଟ ସମସ୍ୟାର ସମାଧାନ, ଆବଶ୍ୟକସ୍ଥଳେ ଘରୋଇ



ଉପଭୋକ୍ତାଙ୍କ ମିଟର ସ୍ଥାନ ପରିବର୍ତ୍ତନ ଓ ସର୍ଭିସ ଲାଇନ ତାର ପରିବର୍ତ୍ତନକୁ ପୂର୍ବଭଳି ଦେୟମୁକ୍ତ, ଟାଇମ ଅଫ୍ ଡେ ତାରିଫ ପାଇଁ ଲାଗିବାକୁ ଥିବା ଭିନ୍ନ ବିଦ୍ୟୁତ୍ ଶୁଳ୍କ ବ୍ୟବସ୍ଥାକୁ ବାତିଲ କରାଯାଉ, ପୂର୍ବ ପ୍ରତିଶ୍ରୁତି ଅନୁସାରେ ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ମାସିକ ୩୦୦ ୟୁନିଟ୍ ଦେୟମୁକ୍ତ ବିଦ୍ୟୁତ ଯୋଗାଣ, ସମସ୍ତ ବିଦ୍ୟୁତ କର୍ମଚାରୀଙ୍କୁ ତୁରନ୍ତ ଟାଟା ପାୱର କମ୍ପାନୀର ପେ-ରୋଲରେ ସାମିଲ କରିବା, ବିଦ୍ୟୁତ ଶୁଳ୍କ ଆଦାୟ ଓ ମିଟର ଯାଞ୍ଚ ପାଇଁ ଆସିଥିବା ଟାଟାପାୱାରର କର୍ମଚାରୀ ମୁଖ୍ୟତଃ ଅଣଓଡ଼ିଆ ବିଦ୍ୟୁତ୍ କର୍ମ ଚାରୀଙ୍କ ଜୋର ଜବରଦସ୍ତି ଓ ଗୁଣ୍ଡାଗର୍ଦ୍ଦି ଉପରେ ତୁରନ୍ତ ଅଙ୍କୁଶ ଲଗାଯାଉ, ସମଗ୍ର ଜିଲ୍ଲାରେ ମରାମତି ନାମରେ ବାରମ୍ବାର ବିଦ୍ୟୁତ୍ କାଟ ବନ୍ଦ କରିବା ସହିତ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରାଯାଉ ଏବଂ ଗ୍ରାମାଞ୍ଚଳରେ ମୁଖ୍ୟତଃ ନିରବଛିନ୍ନ ବିଦ୍ୟୁତ୍ ସେବାକୁ ସୁନିଶ୍ଚିତ କରାଯାଉ ଆଦି ୮ ଟି ଦାବି ଉଲ୍ଲେଖ କରିଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ସରକାର ଉଚିତ ପଦକ୍ଷେପ ନ ନେଲେ ଭଞ୍ଜସେନା ରାଜରାସ୍ତାକୁ ଓହ୍ଲାଇବ ବୋଲି ବମନଘାଟୀ ଆଦିବାସୀ ଶାଖା ସଭାପତି ସୁନ୍ଦର ମୋହନ ଟୁଡୁ, ମହମ୍ମଦ ଅଲ୍ଲି ଖାନ, ରାମଜନ ବାଗେ, ଭାଗବତ ହେମ୍ବ୍ରମ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଆର୍‌ଡିଏସ୍ ଡିଗ୍ରୀ କଲେଜରେ ଆଲୋଚନାଚକ୍ର




ଉଦଳା, ୧୪।୨(ସମିସ): କୁଣ୍ଡାବାଇ ସ୍ଥିତ ଆର୍.ଡି.ଏସ୍. ଡିଗ୍ରୀ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ 'ଦ ଆଇଡିଏଲ୍ ଅନ୍ ପ୍ରିଏମ୍ବଲ ଅଫ ଇଣ୍ଡିଆନ୍ କନ୍ସଟିଚ୍ୟୁସନ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ପ୍ରଦୀପ କୁମାର ଗିରି ସଭାପତିତ୍ୱ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ତଥା ବିଷୟ ବିଶାରଦ ଭାବେ ଖୁଣ୍ଟା ଡିଗ୍ରୀ କଲେଜର ରାଜନୀତି ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଅଧାପକ ପ୍ରମୋଦ କୁମାର ମିଶ୍ର ଯୋଗଦେଇ ଭାରତୀୟ ସମ୍ବିଧାନର ସମସ୍ତ ନାଗରିକ କିଭଳି ସାମାଜିକ, ଅର୍ଥନୈତିକ, ରାଜନୈତିକ ସହିତ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ବଜାୟ ରଖିବା ସେ ନେଇ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. ସୁଧାଂଶୁ ଶେଖର ଦାସମଙ୍ଗରାଜ ଆଲୋଚ୍ୟ ବିଷୟ ବସ୍ତୁର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଅଧାପକ ଡ. ଗୋପୀନାଥ ଦାସ ସ୍ୱାଗତ ଭାଷଣ ଦେଇଥିଲେ।

# ହଦଗୁଠ-ବିଷ୍ଣୁଗାଁ ଗ୍ରାମ୍ୟ ରାସ୍ତା ମରଣଯନ୍ତା

ଶରତ, ୧୪।୨(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଦେୱାନବାହାଲି ଗ୍ରାମ ପଞ୍ଚାୟତ କନ୍ଦାସାହି ଗ୍ରାମ୍ୟରାସ୍ତା ମରଣଯନ୍ତା ପାଲଟିଛି। ଏହି ୪ କିମି ରାସ୍ତା ହଦଗୁଠରୁ କନ୍ଦାସାହି ଦେଇ ବିଷ୍ଣୁଗାଁ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଛି। ଏହି ରାସ୍ତାରେ କନ୍ଦାସାହି ଅଙ୍ଗନୱାଡ଼ି ଶିଶୁ ଏବଂ ବିଷ୍ଣୁଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଯାଆସ କରନ୍ତି। ଏହି ରାସ୍ତା ଉନ୍ନତିକରଣ ନେଇ କୌଣସି ଜନପ୍ରତିନିଧି ଦୃଷ୍ଟି ଦେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ରାସ୍ତା ବିପର୍ଯ୍ୟସ୍ତ ହେବାରୁ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଥିବା ମଧ୍ୟ ନଜିର ରହିଛି। ରାସ୍ତା ଉନ୍ନତିକରଣ ନିମନ୍ତେ ସରକାର ମନରେଗା ଯୋଜନାରେ ହଜାର ହଜାର କୋଟି ଟଙ୍କା ବ୍ୟୟ ବରାଦ କରୁଥିଲେ ସୁଦ୍ଧା ଆଦିବାସୀ ବହୁଳ ପଞ୍ଚାୟତରେ ଆଶାନୁରୂପ ଉନ୍ନତି ହୋଇପାରି ନାହିଁ। ଏହି ରାସ୍ତା ନିର୍ମାଣ ନେଇ ଦେୱାନବାହାଲି ଗ୍ରାମ ପଞ୍ଚାୟତ ସରପଞ୍ଚ



ଲକ୍ଷ୍ମୀପ୍ରିୟା ସିଂହଙ୍କୁ କନ୍ଦାସାହି ଗ୍ରାମବାସୀ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା କିଛି ସୁଫଳ ମିଳି ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ବର୍ତ୍ତମାନର ସରପଞ୍ଚ ଲକ୍ଷ୍ମୀପ୍ରିୟା ସିଂଙ୍କ ମା' ପ୍ରମିଳା ସିଂ ୨୦୧୭-୨୦୨୨ ଦେୱାନବାହାଲି ପଞ୍ଚାୟତର ସରପଞ୍ଚ ପଦବୀରେ ଅବସ୍ଥାପିତ ଥିଲେ। ତାଙ୍କ ପିତା ସୁକନାଲ ସିଂ ୨୦୧୨ରୁ ୨୦୧୭ ମସିହା ପର୍ଯ୍ୟନ୍ତ ସରପଞ୍ଚ ନିର୍ବାଚିତ ହୋଇଥିଲେ ସୁଦ୍ଧା କୌଣସି ବିକାଶ ହୋଇ ନ ଥିବା ଯୁବନେତା କୁସୁନୁ ଗିଲୁଆ, ୱାର୍ଡ ମେମ୍ବର ବାମିଆ ସିଂ, ସୁରେନ୍ଦ୍ର ସିଂ ଗିଲୁଆ ପ୍ରମୁଖ ପ୍ରକାଶ କରିଛନ୍ତି। କପ୍ତିପଦା ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ନିର୍ମାଣ କରିବାକୁ ଦାବି ହେଉଛି। ଆଗାମୀ ୩/୪ ମାସ ମଧ୍ୟରେ ଏହି ରାସ୍ତା ଉନ୍ନତିକରଣ ନ ହେଲେ ବ୍ଲକ ଘେରଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ମେଳାରୁ ବାଇକ୍ ଚୋରି

ବଡ଼ସାହି, ୧୪।୨(ସମିସ): ବଡ଼ସାହି ଥାନା ଅଧୀନ ଗୁଡକାନ୍ଠଥ ମେଳା ଦେଖିବାକୁ ଯାଇଥିବା ଜଣେ ଯୁବକଙ୍କ ଏକ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଟିକରପଡ଼ା ଗ୍ରାମର ହରି ସରେନ ମେଳା ବୁଲି ଫେରିବା ବେଳକୁ ସେ ରଖିଥିବା ସ୍ଥାନରେ ଗାଡ଼ିଟି ନ ଥିଲା। ପରେ ଖୋଜା ଖୋଜି କରିବା ପରେ ଗାଡ଼ିଟି ନମିଳିବାରୁ ସେ ବଡ଼ସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଜାରି ରହିଛି।

